**ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚାଉଳବାଞ୍ଜି ସରକାରୀ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଶିକ୍ଷକ ସୁରୁଲାଲ ଦାପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସିଆରସିସି ସାନ୍ତନୁ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିଆରସିସି ଶ୍ରୀପତି କୁମ୍ଭାର, ସମ୍ମାନୀତ ଅତିଥି ନିରାକାର ସେଲମା, ଫକୀର ସେଲମା, ଶେଷଦେବ ଧରୁଆ, ଧରମ ସିଂ ଧରୁଆ ଯୋଗଦେଇଥିଲେ। ଏହି ଅବସରରେ ଚାକିରିରୁ ଅବସର ନେଇଥିବା ଶିକ୍ଷକ ଦାପଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମର ବିକ୍ରମ ମେହେର, ସରୋଜିନୀ ଦାପ, ଜଗନ୍ନାଥ ପାଣ୍ଡେ, ସରସ୍ୱତୀ ନିଆଲ, ଲଳିତା ଧାରୁଆ, ଟେଙ୍ଗନୁ ଦାସ, ଦୟାନିଧି ମଟାରିଙ୍କ ସମେତ ବିଦ୍ୟାଳୟର ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

# ପାଣି ନିଷ୍କାସନ ବାଟନାହିଁ, ଯାତ୍ରୀ ହନ୍ତସନ୍ତ

ବଲାଙ୍ଗୀର ଅଫିସ,୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଟିଟିଲାଗଡ ବିଧାୟିକା ଟୁକୁନି ସାହୁ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଜଳସମ୍ପଦ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଦାୟିତ୍ୱ ତାଙ୍କୁ ମିଳିଛି। ମନ୍ତ୍ରୀ ସାହୁଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଥିଲେ ମଧ୍ୟ ନିଜ ଜିଲା ବଲାଙ୍ଗୀର ସରକାରୀ ବସ୍ଷ୍ଟାଣ୍ଡର ଅବସ୍ଥା ସୁଧୁରୁ ନାହିଁ। ଜଳ ନିଷ୍କାସନ ପଥ ନ ଥିବାରୁ ବସ୍ଷ୍ଟାଣ୍ଡ ପ୍ରବେଶ ପଥରେ ବର୍ଷାଦିନ ଆରମ୍ଭରୁ ପାଣି ଜମି ରହି ଗାଡିଆ ଭଳି ହୋଇଛି। କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏବେ ଲୋକେ ସିଧାସଳଖ ମନ୍ତ୍ରୀଙ୍କ କାର୍ତ୍ତିକୁ ନେଇ ପ୍ରଶ୍ନ କରୁଛନ୍ତି।

ବଲାଙ୍ଗୀର ସହର ସରକାରୀ ବସ୍ଷ୍ଟାଣ୍ଡ ସମ୍ମୁଖ ଦେଇ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାସ୍ତା ମରାମତି କରିବା ବେଳେ ଜାତୀୟ ରାଜପଥ ବିଭାଗ ଗାଇଡ ଲାଇନ୍ ଉଲ୍ଲଂଘନ କରି ରାସ୍ତା ତିଆରି କରିବାରୁ ଏଠାରେ ଏଭଳି ସ୍ଥିତି ଉପୁଜିଛି। ବସ୍ଷ୍ଟାଣ୍ଡ ପ୍ରବେଶ ପଥରୁ ରାସ୍ତା ଉଚ୍ଚ ହୋଇଯିବାରୁ ଏବଂ ରାସ୍ତାର ଉଭୟ ପଟରେ ଡ୍ରେନ୍ ତିଆରି କରି ନ ଥିବାରୁ ବସଷ୍ଟାଣ୍ଡର ପ୍ରବେଶ ପଥରେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଜମା ହୋଇ ରହୁଛି। ବର୍ଷାଦିନ ପ୍ରାରମ୍ଭରୁ ଅର୍ଥାତ୍ ପ୍ରାୟ ଦେଢ଼ମାସ ହେଲା ଏଠାରେ ବର୍ଷାପାଣି ଜମି ରହିଛି। ଫଳରେ ଯାତ୍ରୀ ଏବଂ ଜନସାଧାରଣ ଯିବାଆସିବା କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସଷ୍ଟାଣ୍ଡ ଭିତରେ ବିଭିନ୍ନ ଦୋକାନ ଓ ଷ୍ଟଲ ରହିଛି। ବର୍ଷାପାଣି ଜମି ରହୁଥିବାରୁ ଲୋକେ ଆଉ ବସ୍ଷ୍ଟାଣ୍ଡ ଭିତରକୁ ଯିବାକୁ ଇଚ୍ଛା କରୁନାହାନ୍ତି। ସେଠାରେ ମାସାଧିକ କାଳ ବର୍ଷା ପାଣି ଜମି ରହିବା ଫଳରେ ମଶା, ମାଛି, ବିଭିନ୍ନ ପ୍ରକାର ପୋକଜୋକ ହୋଇଗଲେଣି। ପଚା ପାଣି ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏନେଇ ସ୍ଥାନୀୟ ଦୋକାନ, ଜନସାଧାରଣ ଏବଂ ଯାତ୍ରୀ ବାରମ୍ବାର ଏନେଇ ଜାତୀୟ ରାଜପଥ ବିଭାଗ, ମ୍ୟୁନିସିପାଲିଟି ଏବଂ ଓଏସ୍ଆରଟିସି ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି କିଛି କରୁନାହାନ୍ତି। ଓଲଟା ପରସ୍ପର ଦୋଷାରୋପ କରି ଆଇନ କାଢୁଛନ୍ତି। ଅନେକ ଥର ଏନେଇ ଗଣମାଧ୍ୟମରେ ଖବର ମଧ୍ୟ ପରିବେଷଣ କରାଯାଇଛି। ହେଲେ ସ୍ଥାନୀୟ ଯନ୍ତ୍ରୀଙ୍କ ଠୁ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ନିରୁତ୍ତର ରହିଛନ୍ତି।

ଆସନ୍ତା ୫ତାରିଖ ୫-ଟି ସଚିବ ବଲାଙ୍ଗୀର ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତ ସମୟରେ ସେ ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ବୋଲି କୁହାଯାଉଛି। ଗସ୍ତ ସମୟରେ ସରକାରୀ ବସଷ୍ଟାଣ୍ଡ ଅଞ୍ଚଳର ଦୋକାନ, ଫଳ ଦୋକାନୀ, ଯାତ୍ରୀ ଏବଂ ଜନସାଧାରଣ ୫-ଟି ସଚିବଙ୍କୁ ଶେଷରେ ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ଦୁର୍ଦ୍ଦଶା ଦେଖିବାକୁ ଏବଂ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି ଆଲୋଚନା କରୁଛନ୍ତି। ଏହାସହିତ ସରକାରୀ ବସଷ୍ଟାଣ୍ଡ ଭିତରେ ଥିବା ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଚାଲୁନାହିଁ। ମାସମାସ ଧରି ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇପଡିଥିଲେ ମଧ୍ୟ ଓଏସ୍ଆରଟିସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଣୁ ଯାତ୍ରୀମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ସରକାରୀ ବସ୍ଷ୍ଟାଣ୍ଡ ସମ୍ମୁଖରେ ବର୍ଷା ପାଣି ଜମିରହିଛି।

**ପରିବହନ ମନ୍ତ୍ରୀଙ୍କ ଜିଲା ବଲାଙ୍ଗୀର ସରକାରୀ ବସ୍ଷ୍ଟାଣ୍ଡର ଅବସ୍ଥା**

- ପ୍ରବେଶ ପଥରେ ପାଣି ଜମି ଗଡିଆର ଭ୍ରମ ସୃଷ୍ଟି କରୁଛି
- ପାଣି ଜମି ରହିବାରୁ ଦୁର୍ଗନ୍ଧରେ ଫାଟି ପଡୁଛି ନାକ
- ହାତ ଟେକି ଦେଇଛନ୍ତି ଏନ୍ଏଚ୍, ଓଏସ୍ଆରଟିସି, ମ୍ୟୁନିସିପାଲିଟି
- ୫-ଟି ସଚିବଙ୍କୁ ଯାତ୍ରୀ, ଦୋକାନୀ ଜଣାଇବେ ସମସ୍ୟା

## ବଜ୍ରପାତ ନେଲା ଯୁବତୀଙ୍କ ଜୀବନ

ଲୋଇସିଂହା,୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବିଲେଇସର୍ଡା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ରୀତା ଷାଣ୍ଢ(୨୭)। ପୁଇଁତଳା ପୋଲିସ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରି ମୃତଦେହ ପରିବାର ବର୍ଗକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ରୀତା ଗ୍ରାମର କେତେକ ମହିଳାଙ୍କ ସହ ବିଲେଇସର୍ଡା-କୁମୁଣ୍ଡେ ରାସ୍ତାର ସୁକତେଲ ନଦୀ ତଟରେ ଥିବା ପୋଖରୀକୁ ଗଧୋଇବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗଧୋଇ ସାରି ସାଙ୍ଗ ହୋଇ ସେମାନେ ଘରକୁ ଫେରୁଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁଁ ରୀତା ବାମହାତ ବାହୁ ପୋଡି ଯାଇଥିଲା ଓ ଘଟଣାସ୍ଥଳରେ ସେ ଟଳି ପଡିଥିଲେ। ସାଙ୍ଗରେ ଥିବା ମହିଳାମାନେ ଗାଁକୁ ଆସି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରିବାର ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ମେଡିକାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ରୀତାଙ୍କ ବାପା ବୁଟୁ ଷାଣ୍ଢଙ୍କର ଦେହାନ୍ତ ହୋଇଯାଇଛି। ବଡଭଉଣୀ ବିବାହ କରି ସାରିଛନ୍ତି। ଘରେ ବିଧବା ମା ବିଳାସିନୀ ଓ ଏକମାତ୍ର ଛୋଟଭାଇ ଲକ୍ଷ୍ମଣଙ୍କ ସହ ରୀତା ରହୁଥିଲେ। ଅବିବାହିତ ଥିବା ରୀତା ମୂଳଲାଗି ପରିବାର ପରିପୋଷଣ କରୁଥିଲେ। ଏହି ଅସହାୟ ପରିବାରକୁ ଅନୁକମ୍ପା ରାଶି ସମେତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଛତ୍ରିଆ ଓ ଗ୍ରାମବାସୀ ଦାବି କରିଛନ୍ତି।


ରୀତା ଷାଣ୍ଢ।

## ଖେତରେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ମୃତ

ଲୋଇସିଂହା,୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ପଣ୍ଡକିଟାଲ ଗ୍ରାମର ଜଣେ ଚାଷୀଙ୍କ ଖେତରେ ହଳ କରୁଥିବା ଏକ ଟ୍ରାକ୍ଟର ଓଲଟି ପଡିବାରେ ମଙ୍ଗଳବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଲୋଇସିଂହା ଥାନା ପଣ୍ଡରାଣୀ ଗ୍ରାମର ଅନୀଲ ମଟାରୀ ବୋଲି ଜଣାପଡିଛି। ଖବର ପାଇ ଆଗଲପୁର ଥାନା ଆଇଆଇସି ସନାତନ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି । ଏନେଇ ଥାନାରେ ଏକ ମାମଲା(୧୨୫/୨୩) ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ଆଇଆଇସି ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଅନୀଲ ଝରଣୀପାଲି ପଞ୍ଚାୟତ ପଣ୍ଡକିଟାଲ ଗ୍ରାମରେ ମାମୁ ଦେବେନ୍ଦ୍ର ଜୁଏଡଙ୍କ ଘରେ ରହୁଥିଲେ। ଚଳିତବର୍ଷ ସେ ଯୁକ୍ତ ୩ରେ ନାମ ଲେଖାଇଥିଲେ। ମଙ୍ଗଳବାର ସେ ଲୋଇସିଂହାର ଏକ କମ୍ପ୍ୟୁଟର ସେଣ୍ଟର ଆଡମିଶନ ପାଇଁ ଯାଇଥିଲେ। ସେଠାରୁ ଫେରି ଗ୍ରାମର ଦେବ ବାରିକଙ୍କ ଟ୍ରାକ୍ଟର ନେଇ ଜଣଙ୍କ ଖେତରେ ପହ୍ଲା ରୋଇବା ସକାଶେ ହଳ କରୁଥିଲେ। ଏହି ସମୟରେ ଟ୍ରାକ୍ଟର ଖେତରେ ଓଲଟି ପଡିବାରେ ଅନୀଲ ଗାଡିତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦେବକୀ ମଟାରୀ ଓ ସତ୍ୟ ମଟାରୀଙ୍କ ଏକମାତ୍ର ପୁତ୍ର ଥିଲେ।


ଡ୍ରାଇଭର ଟ୍ରାକ୍ଟର ତଳେ ଚାପି ହୋଇ ରହିଛନ୍ତି।

**ସଂକ୍ଷେପରେ**

## ପାଟଣା ଇଷ୍ଟଦେବୀ ମନ୍ଦିର ଭିତରେ ପଶିଗଲା ଡ୍ରେନ୍ ପାଣି

ବଲାଙ୍ଗୀର,୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ଲଗାଣ ବର୍ଷା ପରେ ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରକୁ ଡ୍ରେନ୍ ପାଣି ପଶିଯାଇଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବିହିତ ପଦକ୍ଷେପ ନେଉ ନ ଥିବାରୁ ଶ୍ରଦ୍ଧାଳୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପାଟଣେଶ୍ୱରୀ, ସମଲେଶ୍ୱରୀ ଏବଂ ଗୋପାଳଜୀ ମନ୍ଦିର ରକ୍ଷଣା ବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ମନ୍ଦିର ଛାତ ଫାଟି ପାଣି ଝରୁଛି। ରାସ୍ତାକଡ ଡ୍ରେନ୍ ପାଣି ମନ୍ଦିର ପରିସର ଭିତରକୁ ପଶି ଯାଉଛି। ଏହାକୁ ନେଇ ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ପ୍ରଶାସନକୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ଦେବାଳୟ ସୁରକ୍ଷା କମିଟି ଆବାହକ ପ୍ରଶାନ୍ତ ମହାକୁର, ସୂଚନା ଅଧିକାର କର୍ମୀ ଶମ୍ଭୁ ପ୍ରସାଦ ଶତପଥୀ ସ୍ୱାଭିମାନ ପରିବାର ସଭାପତି ରମ୍ୟରଞ୍ଜନ ସାହୁ, ନାଗରିକ କମିଟିର ମନୋରଞ୍ଜନ ପୁରୋହିତ ଓ ରିଣ୍ଟୁ ସାହୁ ଦାବିପତ୍ର ଦେବାକୁ ଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ।

## ବେଲପଡ଼ା ସରପଞ୍ଚଙ୍କ ଅକାଳ ବିୟୋଗ

ବେଲପଡା,୧।୮(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସଦର ବେଲପଡା ପଞ୍ଚାୟତର ସରପଞ୍ଚ ହରିଶ ବୁଡେକ (୩୭)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସୋମବାର ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ପାର୍ଥିବ ଶରୀର ମଙ୍ଗଳବାର ସକାଳେ ଏଠାରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ସତ୍କାର କରାଯାଇଥିଲା । ପୁଅ ସୁଧୀର (୧୨) ଓ ଭାଇ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ସମ୍ମାନ ସ୍ୱରୂପ ବେଲପଡା ସହରର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ବନ୍ଦ ରହିଥିଲା। ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱଭାବେ ଜଣା ହରିଶ ବୁଡେକ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଭାବେ ନିର୍ବାଚିତ ହୋଇଥିଲେ। ପରେ ତାଙ୍କୁ ବ୍ଲକ ସରପଞ୍ଚ ସଂଘ ସଭାପତିଭାବେ ନିର୍ବାଚିତ କରାଯାଇଥିଲା। ପୂର୍ବରୁ ବେଲପଡା ବ୍ଲକ କୋସଳ ମୁକ୍ତି ମୋର୍ଚ୍ଚାର ସେ ସଭାପତି ରହିଥିଲେ। ସେ କୋଶଳାଞ୍ଚଳ ପାଇଁ ଲଢ଼େଇ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଗଭୀର ଶୋକ ପ୍ରକାଶ କରିଛନ୍ତି।



## ଗେଟ୍ ସରୋବର ବନ୍ଧ ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ



ବଲାଙ୍ଗୀର ଗେଟ୍ ସରୋବର ବନ୍ଧରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ କରାଯାଉଛି।

ବଲାଙ୍ଗୀର, ୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ଗେଟସରୋବର ବନ୍ଧ ପୁନରୁଦ୍ଧାର ଦାବିରେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ କରାଯାଇଥିଲା। ଗେଟ୍ ସରୋବର ବନ୍ଧଏବେ ସହରର ଅଳିଆଗଦା ପାଲଟିଛି। ଲୋକେ ସେଠାରେ ସ୍ନାନ କରିବା ପାଇଁ ଡରୁଛନ୍ତି। ଯେଉଁମାନେ ବାଧହୋଇ ସ୍ନାନଶୌଚାଦି କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ବିଭିନ୍ନ ପ୍ରକାର ଚର୍ମରୋଗରେ ପୀଡିତ ହେଉଛନ୍ତି। ବଲାଙ୍ଗୀର ଗେଟ ସରୋବର ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ ଆନ୍ଦୋଳନ ଡାକରା ଦିଆଯାଇଥିଲା। କିଛିଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ଜନସାଧାରଣ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଭଳିକି ବନ୍ଧ ସଫେଇ କରିବାକୁ ଜିଲାପାଳ ଓ ପୌରାଧକ୍ଷାଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜ୍ୟ ସରକାର ବନ୍ଧକଟାର ଉନ୍ନତିକରଣ ପାଇଁ କୋଟି ଟଙ୍କାର ଅନୁଦାନ ଦେଉଥିଲେ ମଧ୍ୟ ଏହା କାମରେ ଲାଗୁ ନ ଥିବା ଅଭିଯୋଗ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୧୦, ୧୧, ୧୨ ଓ ୧୩ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଓମ୍ ପ୍ରକାଶ କୁମ୍ଭାର, ସୀତାରାମ କୁମ୍ଭାର, ଅଶୋକ ହରପାଲ, ଧୀରଜ କୁମ୍ଭାର, ଅନିରୁଦ୍ଧ ନାଗ, ସୁବଳ ବାଗ, ଚୈତନ ତାଣ୍ଡି, ଦିଲୀପ କୁମ୍ଭାର, ସୁମନ କୁମ୍ଭାର, ଫଣୀନ୍ଦ୍ର କୁମ୍ଭାର, ଉଦିତ ବାରିକ, ଖଳନା ନାଏକ, ଗୟା ଜାଲ, ଚିତ୍ର ସୁନା, ତାର୍ଜନ ବାରିକ, ରାଜେଶ ମହାନନ୍ଦ, ଜିତୁ ନାଏକ, ସୋନୁ ନାଗ, ସାଗର କୁମ୍ଭାର, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ପ୍ରଦୀପ ମିଶ୍ର, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଅଜୟ ବାଲି, ଲୋପନ ମିଶ୍ର, ଜୟ ନାରାୟଣ ବହିଦାର, ରାଜେଶ ହୋତା, ଅନ୍ତ ମଛଖଣ୍ଡ ଉପସ୍ଥିତ ଥିଲେ ।

## ଅବ୍ୟବସ୍ଥାରେ ଚାଲିଛି ଶିକ୍ଷାଦାନ

ଲାଠୋର, ୧।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ୧୯୬୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନେ ପାଠ ପଢିବା ପାଇଁ ଏକ ହଲ ଏବଂ ଦୁଇଟି ଆଜବେଷ୍ଟସ୍ ଗୃହ ରହିଛି। ହଲରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୪ ଛାତ୍ରୀଛାତ୍ର ବସି ପାଠ ପଢୁଥିବା ବେଳେ ଗୋଟିଏ ଆଜବେଷ୍ଟର ଗୃହରେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ୨୬ଛାତ୍ରୀଛାତ୍ର ବସୁଛନ୍ତି। ଅନ୍ୟ ଏକ ଆଜବେଷ୍ଟସ ଗୃହକୁ ଷ୍ଟକରୁମ ଭାବେ ବ୍ୟବହାର କରାଯାଉଛି। ବର୍ଷା ହେଲା ମାତ୍ରେ ଆଜବେଷ୍ଟସ ଗୃହରୁ ପାଣି ଝରୁ ଥିବା ବେଳେ ହଲରେ ମଧ୍ୟ ପାଣି ଝରି ଛାତରୁ ସିମେଣ୍ଟ ଖଣ୍ଡ ପଡୁଛି । ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି । ବିଭାଗୀୟ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପରିଦର୍ଶନରେ ଆସି ଶ୍ରେଣୀ ଗୃହ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉପକାର ମିଳିନାହିଁ। ଏନେଇ ଶିକ୍ଷକ ଭଗବାନ ସେଠଙ୍କୁ ପଚାରିବାରେ ସମସ୍ୟାକୁ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଅଭିଭାବକମାନେ କହିଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

ଖପ୍ରାଖୋଲ ୧।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ସଦର ମହକୁମାରେ ସର୍ବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ରାଧାକାନ୍ତ ସୁଆର ଏଥଇରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ବିଜୟ କୁମାର ହୋତା, ସମ୍ମାନିତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସରପଞ୍ଚ ସୀମାଞ୍ଚଳ ପୁରୋହିତ, ଗ୍ରାମ୍ୟ କମିଟି ସଭାପତି ସନ୍ତୋଷ ସିଂଦେଓ, ଆଲୁମିନି କମିଟି ସଭାପତି ଦୀନବନ୍ଧୁ ସିଂ ବାବୁ, ବିଦ୍ୟାଳୟ କମିଟି ସଭାପତି ହୃଷୀକେଶ ବରିହା ଯୋଗଦେଇଥିଲେ। ଚଳିତ ବର୍ଷ ସରକାରଙ୍କ ତରଫରୁ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରିଥିବାରୁ ପ୍ରଥମ କରି ଯୁକ୍ତ ୨ କଳାରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଓ ନବନିଯୁକ୍ତ ଅଧ୍ୟାପକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ରଥ, ସୁବାସ ନାଗ, ରୀତା ତ୍ରିପାଠୀ, ନିୟତି ସାହୁ, ମୋହିନୀ ସାହୁ, ପୁଷ୍ପାଞ୍ଜଳି ପୁରୋହିତ, ଭାରତୀ ମହାନନ୍ଦ, ସୋନାଲି ପଟ୍ଟନାୟକ ପ୍ରମୁଖ ଶିକ୍ଷୟତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଅଶିନୀ ଷଡଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ କିଶୋର ପାତ୍ର ସଭା ପରିଚାଳନା କରିଥିଲେ। ନବକୃଷ୍ଣ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱାଗତ ସମାରୋହ ଉତ୍ସବରେ ମଞ୍ଚାସୀନ ଅତିଥି।

## ବ୍ଲକ ଅଫିସ ସମ୍ମୁଖରେ ବ୍ଲକ ଉପାଧକ୍ଷାଙ୍କ ଧାରଣା

ଲୋଇସିଂହା,୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ସମେତ ବ୍ଲକରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନରେ ବ୍ୟାପକ ଦୁର୍ନୀତି ହେଉଛି। ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏହାର ପ୍ରତିବାଦରେ ଭରସୁଜା ସମିତି ସଭ୍ୟା ତଥା ବ୍ଲକ ଉପାଧ୍ୟକ୍ଷା ନିରୁପମା ପଧାନ ଓ ବ୍ଲକ ବିଜେଡି ସଭାପତି ପଞ୍ଚୁ ପଧାନ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ । ଧାରଣାସ୍ଥଳକୁ ବିଡିଓ ଶଙ୍କର କେରକେଟା ଓ ଅନ୍ୟ ଅଧିକାରୀ ଆସି ବୁଝାଶୁଝା କରିଥିଲେ। ଭରସୁଜା ପଞ୍ଚାୟତର ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ହଟାଇବା ସହ ସପ୍ତାହକ ମଧ୍ୟରେ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଉଭୟେ ଧାରଣାରୁ ଓହରିଥିଲେ।

ଅଭିଯୋଗ ମୁତାବକ, ଭରସୁଜା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଠୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ, ଜମି ଉନ୍ନତିକରଣ, ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାରେ ପିଇଓ ମନମୁଖୀ କାର୍ଯ୍ୟ କରୁଛନ୍ତି। ଉପାଧ୍ୟକ୍ଷ ସାହୁ ଏବଂ ବ୍ଲକ ବିଜେଡି ସଭାପତି ପଧାନ ଏନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ମାସଧିକ କାଳ ପରେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କଲେନାହିଁ। ବ୍ଲକ ପ୍ରଶାସନର ସ୍ଥାଣୁତାରେ ଅସନ୍ତୋଷବ୍ୟକ୍ତ କରି ସେମାନେ ଧାରଣା ଦେଇଥିବା ଉପାଧ୍ୟକ୍ଷା ସାହୁ କହିଛନ୍ତି। ଆଗକୁ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି। ଦୁର୍ନୀତି ବିରୋଧରେ ଶାସକ ଦଳର ବ୍ଲକ ଉପାଧ୍ୟକ୍ଷା ଏବଂ ବ୍ଲକ ବିଜେଡି ସଭାପତି ଧାରଣା ଦେବା ଏଠି ଆଲୋଚନାର ବିଷୟ ହୋଇଛି।


ଉପାଧ୍ୟକ୍ଷା ନିରୁପମା ପଧାନ ଓ ବ୍ଲକ ବିଜେଡି ସଭାପତି ପଞ୍ଚୁ ପଧାନ ଧାରଣାରେ ବସିଛନ୍ତି।

**ଆଣିଲେ ଦୁର୍ନୀତି ଅଭିଯୋଗ**

- ଧାରଣାରେ ସାମିଲ ହେଲେ ବ୍ଲକ ବିଜେଡି ସଭାପତି

## ସଂକ୍ଷେପରେ

### ଗଙ୍ଗାଧର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବରପାଲି, ୧।୮ ( ଚିତ୍ତରଞ୍ଜନ ସାହୁ)

ଅଗଷ୍ଟ ୩୧ ତାରିଖରେ ଜନ୍ମପୀଠ ବରପାଲିରେ ରାଜ୍ୟସ୍ତରୀୟ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବରପାଲି ଗଙ୍ଗାଧର କ୍ଲବ ପରିସରରେ ଅନୁଷ୍ଠିତ ବୈଠକରେ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର କ୍ଲବର ମିଳିତ ଆନୁକୂଲ୍ୟରେ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସାରସ୍ୱତ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର କର୍ମକର୍ତ୍ତାଙ୍କ ସମେତ ବହୁ ଖ୍ୟାତନାମା ବାଗ୍ମୀ ବକ୍ତା ଭାବେ ଉପସ୍ଥିତ ରହି ମେହେର ସାହିତ୍ୟ ଚର୍ଚ୍ଚା କରିବେ ବୋଲି ସଭାପତି ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ପ୍ରାଧ୍ୟାପକ ବବ୍ରୁ ବାହନ ମହାପାତ୍ରଙ୍କୁ ସମ୍ମାନଜନକ ଗଙ୍ଗାଧର ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ସେହିପରି ଗଙ୍ଗାଧର ଜୟନ୍ତୀ ପାଳନ ପାଇଁ ଏକ ୧୨ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ଚିତ୍ତ ରଞ୍ଜନ ସାହୁ, ବାଲ କିଶୋର ଖାଡଙ୍ଗା, ବାଳକୃଷ୍ଣ ପୂଜାରୀ, ପଦ୍ମଲୋଚନ ସାହୁ, ଅନ୍ତର୍ଯାମୀ ମିଶ୍ର, ଉପଗୁପ୍ତ ତ୍ରିପାଠୀ, ବିଭୂତି ଭୂଷଣ ମିଶ୍ର, ମହେନ୍ଦ୍ର ଗହୀର, ରୋଶନ ପାଣିଗ୍ରାହୀ, ଆଶୁତୋଷ ମେହେର, ସତ୍ୟ ପ୍ରଧାନ, ଅଜୟ ତ୍ରିପାଠୀ, ମାନଭଞ୍ଜନ ସାହୁ ପ୍ରମୁଖ ରହିଛନ୍ତି । ଅନୁଷ୍ଠାନର ସମ୍ପାଦକ ଆନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ମୁକ୍ତା ଯୋଜନା ସମୀକ୍ଷା ବୈଠକରେ ବିଧାୟିକା

ପଦ୍ମପୁର, ୧।୮ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ମଙ୍ଗଳବାର ମୁକ୍ତା ଯୋଜନାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ମୁକ୍ତା ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ବୈଠକରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ସିଡିପିଓ ମୀନାକ୍ଷୀ ରାଜ, ୱାର୍ଡ ନଂ ୦୪ ର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଳ, ୧।୮ (ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ସିହ୍ନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଟଲି ବିଇଓ ସରୋଜ କୁମାର ଭୋଇ ମୁଖ୍ୟ ଅତିଥି, ପାଇକମାଳ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ପଟେଲ, ଏବିଇଓ ଶିବପ୍ରସାଦ ଯୋଶୀ ଓ ରାଧେଶ୍ୟାମ ମେହେର, ଶିକ୍ଷାବିତ୍ ମହେନ୍ଦ୍ର କୁମାର ସାହୁ, ସ୍କୁଲ କମିଟି ଅଧ୍ୟକ୍ଷ ମହେନ୍ଦ୍ର ସିଂ ବରିହା, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଦାଶ, ପ୍ରଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ଯତୀନ୍ଦ୍ର ଦୀପ ଉଦ୍ଦେଶ୍ୟ ଜ୍ଞାପନ ଓ ସହକାରୀ ଶିକ୍ଷକ ଟେକରାଜ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମଲୋଚନ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।




ଅତାବିରାରେ ପଦ୍ମଶ୍ରୀ ହଳଧର ନାଗ ବକ୍ତବ୍ୟ ରଖୁଛନ୍ତି ।



ବରାହଗୋଡ଼ାରେ ଇନରହ୍ୱିଲ କ୍ଲବ ପକ୍ଷରୁ ବୁଣାକାରଙ୍କୁ ସମ୍ମାନିତ କରାଯାଉଛି ।




ଜିଲାପାଳଙ୍କ ଅଫିସରେ ସମ୍ବଲପୁରୀ ପୋଷାକ ପିନ୍ଧିଥିବା ସରକାରୀ କର୍ମଚାରୀମାନେ ।

# ସବୁଠି ପାଳିଲେ ସମ୍ବଲପୁରୀ ଦିନ୍

ବରଗଡ଼/ଅତାବିରା/ଗାଇସିଲେଟ୍, ୧।୮ (ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ/ବେଦପ୍ରକାଶ କଲେତ)

ମଙ୍ଗଳବାର ଥିଲା ସମ୍ବଲପୁରୀ ଦିନ୍ । ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଏହି ଦିବସକୁ ଉତ୍ସାହ, ଉଦ୍ଦୀପନା ସହିତ ପାଳନ କରାଯାଇଛି। ଏହି କ୍ରମରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରି ମଙ୍ଗଳବାର କାର୍ଯ୍ୟାଳୟକୁ ଆସିଥିଲେ। ବରଗଡ଼ର ବିକାଶ ଫାଷ୍ଟଷ୍ଟେପ୍‌ରେ ମାଁ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଛାତ୍ରୀଛାତ୍ର ନାଚଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସମ୍ବଲପୁରୀ ଭାଷାରେ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଶୈଳେନ୍ଦ୍ର ସାମଲଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ଡାଲଖାଇ, ରସରକେଲି ଗୀତ ପରିବେଷଣ କରିଥିଲେ। ଛାତ୍ରୀ ସାଧ୍ୟା ପଣ୍ଡା ସଭା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୌଗନ୍ଧିକା ତ୍ରିପାଠୀ, ସାରସ ମିଶ୍ର, ସୁରଥ କୁନାର ନୃତ୍ୟ ପରିବେଷଣ କରିଥିଲେ। ବରଗଡ଼ ଇନରହ୍ୱିଲ କ୍ଲବ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ ଅବସରରେ ସମ୍ବଲପୁରୀ ଲୁଗା ବୁଣୁଥିବା ୨ ମହିଳା ବୁଣାକାର ମୁକ୍ତାରାଣୀ ମେହେର ଏବଂ ନଳିନୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କର୍ମକର୍ତ୍ତା, ସଦସ୍ୟବୃନ୍ଦ ସହର ଉପକଣ୍ଠ ବରାହଗୋଡ଼ା ଗ୍ରାମକୁ ଯାଇ ସେଠାରେ ବୁଣାକାରଙ୍କୁ ଭେଟିବା ସହିତ ସେମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ଉପହାର ଦେଇଥିଲେ। କ୍ଲବର ସଭାନେତ୍ରୀ ସୁମନ ଅଗ୍ରୱାଲ, ମମତା ପୁରୋହିତଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଦସ୍ୟାବୃନ୍ଦ ସେଠାକୁ ଯାଇ ବୁଣାକାରଙ୍କୁ ଭେଟିଥିଲେ । ସେହିପରି ଇଣ୍ଡିଆନ ବିଉଟି କାଉନସିଲ ପକ୍ଷରୁ ନିଆରା ଭାବେ ସମ୍ବଲପୁରୀ ଦିନ୍ ପାଳନ କରାଯାଇଥିଲା। ସ୍ଥାନୀୟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କଙ୍କୁ ନେଇ ରାମ୍ପ୍ ଶୋ ଏବଂ ନାଚଗୀତ ହୋଇଥିଲା ।

ଅତାବିରାର ସାମାଜିକ ଅନୁଷ୍ଠାନ 'ଆମ ପରିବାର' ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଡା. ଶଙ୍କର ରାମଚନ୍ଦାନୀ, କଳାକାର ସୁଶିଲ ମେହେର, ନୃତ୍ୟଗୁରୁ ଭାଗବତ ପ୍ରଧାନ, ବାଦ୍ୟକାର ଚୂଡ଼ାମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ । ଅମୃତ ବାରିକ ସ୍ୱାଗତ ଭାଷଣ ଏବଂ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଜିତ କୁମାର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାଇସିଲେଟରେ ଘାଏଁ ଦେଖତ କଲାପଟା ଅନୁଷ୍ଠାନ ତରଫରୁ ସମ୍ବଲପୁରୀ ଦିନ୍ ଅବସରରେ ପୁରୁଣା କଲେଜ ପରିସରରେ କବି ସମ୍ମିଳନୀ ଏବଂ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସମିତି କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ଜୟଜେନ ତ୍ରିପାଠୀ, ଅଶୋକ ପୂଜାରୀ, ଦୁର୍ଗାପ୍ରସାଦ ତ୍ରିବେଦୀ, ଉତ୍କଳ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ବୈରାଗୀ ସାହୁଙ୍କ ଦ୍ୱାରା ଦଶରଥ ବାଗ, ରଞ୍ଜନ କୁମାର ପଣ୍ଡା, ଶେଷଦେବ ଦୀପ, କୃଷ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସମ୍ବଲପୁରୀ ଦିନ୍‌ରେ ବୃକ୍ଷରୋପଣ

ପଦ୍ମପୁର, ୧।୮ (ପ୍ରଦୀପ୍ତ ଦାଶ)

ସମ୍ବଲପୁରୀ ଦିନ୍ ଉପଲକ୍ଷେ ପଦ୍ମପୁର ଏନ୍ଏସି ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଳ ଉପଚାର କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନଗରପାଳ ସାବିତ୍ରୀ ବାଗ ଓ ସମ୍ମାନିତ ଅତିଥି ଭାବେ ନିରୋଜ ଦୋରା ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସବିତା ବରିହା, କ୍ଷୀର ସନବରଷା, ପରିମଳ ବିଶେଷଜ୍ଞ ଦୁଷ୍ମନ୍ତ ବେହେରା, ଏନଏସି କର୍ମଚାରୀ, ମିଶନ ଶକ୍ତି ର ମା'ମାନେ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଉଦ୍ୟମ ଚାଲିଛି

ଭେଡ଼େନ, ୧।୮ (ସୁଦନ ମହାକୁର)



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବରଗଡ଼ ଜିଲା ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି। କବି କୁଟୁମ୍ବ, ଅମୃତ କୁଟୁମ୍ବ, କୋଶଳ ସେନା, ମାହେଶ୍ୱରୀ ସେନା, ମନୋହର ସାଂସ୍କୃତିକ ସଂସଦ, ଶ୍ରୀଧର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟକ ଭାବେ ଯୋଗ ଦେଇ ସମ୍ବଲପୁରୀ ଭାଷାର ମାହାତ୍ମ୍ୟ ଓ ଏହାର ମହାନ ଲୋକ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ଏହି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିବା ସେ ପ୍ରକାଶ କରିଥିଲେ। ଅପରପକ୍ଷେ ସେ ଦିଲ୍ଲୀ ଦରବାରରେ ନିଜେ ରାଷ୍ଟ୍ରପତିଙ୍କ ସହିତ ସମ୍ବଲପୁରୀ ଭାଷାରେ କଥା ହୋଇଥିବା କହିଥିଲେ। ଏହି ଭାଷାକୁ ଦିନେ ସାମ୍ବିଧାନିକ ସ୍ୱୀକୃତି ସରକାର ଦେବାକୁ ବାଧ୍ୟ ହେବେ ବୋଲି ନାଗ ଦୃଢୋକ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ପାରମ୍ପରିକ ଢୋଲ, ନିଶାନ ଓ ତାସା ବାଦ୍ୟର ତାଳେ ତାଳେ ମଶାଲ ଯାତ୍ରା ବାହାରି ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ ପୂର୍ବକ ସମ୍ବଲପୁରୀ ଦିନ୍ ଉତ୍ସବ ପାଳନ କରାଯାଇଥିଲା ।

ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ପ୍ରଫେସର ଟେକଚାନ୍ଦ ଦୁଆନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାଷା,ସଂସ୍କୃତିର ପୁନରୁଦ୍ଧାର ଉପରେ କହିଥିଲେ। ଡାକ୍ତର ସୁବାସ ମେହେର, ନାଟ୍ୟକାର ଅଶୋକ ବହିଦାର, କଥାକାର ଧନପତି ମହାପାତ୍ର, ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର, କବି ଉମେଶ ପଧାନ, ଖଗେଶ୍ୱର ସେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଭୋଇ, ଶରତ ପାଢୀ, ନିତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ଦେବେନ୍ଦ୍ର ସାହୁ, ଅଧିକାରୀ ସା, ଗୌର ସା, ରାମପ୍ରସାଦ ବାଗ, ମୁନିରାମ କୁମ୍ଭାର, ନକୁଳ ମେହେର, ଆଶିଷ ସାହୁ, ନରେନ୍ଦ୍ର ମହାନ୍ତି, ଅହଲ୍ୟା ପଧାନ, ସାବିତ୍ରୀ ମେହେର, ମକରଧ୍ୱଜ ସାହୁ, ନମିତା ଦୀପ ଯାଦବ ପ୍ରମୁଖ ସହଯୋଗ କରିଥିଲେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବଲପୁରୀ ଦିନ୍

ପଦ୍ମପୁର, ୧।୮ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର 'ସମ୍ବଲପୁରୀ ଦିନ୍' ପାଳିତ ହୋଇଛି। ଏହି ଅବସରରେ ଉପଜିଲାପାଳଙ୍କଠୁ ଆରମ୍ଭ କରି ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ। ଏହି ଅବସରରେ ଉପଜିଲାପାଳ ସଦାକର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ସଭା ସଂଯୋଜନା କରିଥିଲେ। ଉପଜିଲାପାଳ କୁମ୍ଭାର ସମ୍ବଲପୁରୀ ବସ୍ତ୍ର ଓ ସଙ୍ଗୀତ କିଭଳି ଆମକୁ ବିଭିନ୍ନତାରେ ଏକତାର ବାର୍ତ୍ତା ଦେଇ ଆମ ପରିଚୟ ହୋଇପାରିଛି ତାହା ଉପରେ ଆଲୋକପାତ କରିଥିଲେ। ସହକାରୀ ଜିଲାପାଳ ସନ୍ତୋଷ ପତି, ତୁଷାର ପଧାନ, ମନୋରଞ୍ଜନ ନାୟକ ପ୍ରମୁଖ ହସ୍ତତନ୍ତକୁ ପ୍ରୋତ୍ସାହିତ କରିବାର ଆହ୍ୱାନ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ।

## ସମ୍ବଲପୁରୀ ଦିନ୍‌ରେ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଗଣ।

ବରପାଲି, ୧।୮ ( ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଅଧ୍ୟକ୍ଷ ସୁଧାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ନେତୃତ୍ୱରେ ଅଧ୍ୟକ୍ଷ ଓ ମୁଖ୍ୟ କର୍ମଚାରୀ ଅନ୍ତର୍ଯାମୀ ପଣ୍ଡା ସମ୍ବଲପୁରୀ ଭାଷାର ଗର୍ବ ଗୌରବ ଓ ରୂପରେଖ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୃହବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ବେହେରାଙ୍କ ନେତୃତ୍ୱରେ ସମ୍ବଲପୁରୀ ନାଚଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ହିନ୍ଦୀ ଶିକ୍ଷକ ରବିନ୍ଦ୍ର ସାହୁ ଏବଂ ଇତିହାସ ଶିକ୍ଷକ ସୁନୀଲ କୁମାର ବେହେରା ବିଚାରକ ଭାବେ ଯୋଗଦାନ କରିଥିଲେ। ନୃତ୍ୟ ପ୍ରତିଯୋଗୀତାରେ କ୍ଷୀରେଶ୍ୱରୀ ଭୁଏ, ରୁବି ପ୍ରଧାନ ଓ ପ୍ରତିମା ବାଗ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଡିଇଓ ନିରଜ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଦୀପ ମିଶ୍ର, ଆନନ୍ଦ ବେହେରା ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

### ନିଖୋଜଙ୍କ ମୃତଦେହ ମିଳିଲା

ଅତାବିରା, ୧।୮ (ହୃଷିକେଶ ଖମାରୀ)

ସମ୍ବଲପୁର ଜିଲା ଚାରମାଳ ଗ୍ରାମରୁ ୪ ଦିନ ତଳେ ନିଖୋଜ ଥିବା ଜଣଙ୍କ ମୃତଦେହକୁ ମଙ୍ଗଳବାର ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ଟାମ୍ପରସରା ପଞ୍ଚାୟତ ପାନୀୟଜଳ ପ୍ରକଳ୍ପ ପମ୍ପ ହାଉସ ନିକଟରୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଚାରମାଳ ଗ୍ରାମର ଅଶ୍ୱିନୀ ଭୋଇଙ୍କ ପୁଅ ଶିବ (୪୨) ବୋଲି ସୂଚନା ମିଳିଛି। ମୃତକ ୪ ଦିନ ତଳେ ଗ୍ରାମରୁ ନିଖୋଜ ହୋଇଯାଇଥିଲେ ଏବଂ ଏ ନେଇ ତାଙ୍କ ବାପା ଚାରମାଳ ଥାନାରେ ଜଣାଇଥିଲେ। କିଭଳି ସେ ଟାମ୍ପରସରା ଯାଏ ପହଞ୍ଚିଥିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାହା ଜଣାପଡ଼ିନାହିଁ। ଅତାବିରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୧।୨୩) ରୁଜୁ କରି ଅଧିକ ତଦନ୍ତ କରୁଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର

ପାଇକମାଳ, ୧।୮ (ବଡ ଶତପଥି)

ଦୀର୍ଘଦିନ ଧରି ଲାଗି ରହିଥିବା ବରତୁଣ୍ଡା ଗ୍ରାମର ସିଲିଂ ଜମି ମାମଲାରେ ବରତୁଣ୍ଡା ଗ୍ରାମର ନିଆଜ ଅଲ୍ଲୀ ସୋମବାରଠାରୁ ପାଇକମାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ପାଇକମାଳ ତହସିଲକୁ ଆସିଥିବା ବେଳେ ତାଙ୍କୁ ଧାରଣାରେ ବସିଥିବା ଦେଖିବାକୁ ପାଇଥିଲେ। ଉପଜିଲାପାଳ କୁମ୍ଭାର ପାଇକମାଳ ତହସିଲଦାରଙ୍କଠାରୁ ବୁଝିବା ପରେ ଧାରଣାସ୍ଥଳୀକୁ ଆସି ଅଲ୍ଲୀଙ୍କୁ ବୁଝାଶୁଝା କରିଥିଲେ । ଏହାପରେ ସେ ଧାରଣାରୁ ଉଠିଥିଲେ। ସୂଚନା ଅନୁସାରେ, ଚାଷ କରିବା ପାଇଁ ୧୯୭୬ରେ ସରକାରଙ୍କଠାରୁ ବରତୁଣ୍ଡା ଗ୍ରାମର ପ୍ରାୟ ୪୦ ଜଣ ସିଲିଂ ଜମି ପାଇଥିଲେ ଏବଂ ୧୯୮୦ରେ ଜମିପଟ୍ଟା ପାଇଥିଲେ। ୧୯୯୨ ପର୍ଯ୍ୟନ୍ତ ସେମାନେ ମାଲ ଗୁଜାରୀ ଦେଇଥିଲେ। ୧୯୯୩ରୁ ସିଲିଂ ଜମିକୁ ଲୋକଙ୍କଠାରୁ ଛଡାଇ ନିଆଗଲା। ସେହିଦିନଠାରୁ ବିଭିନ୍ନ କୋର୍ଟରେ ମାମଲା ଚାଲୁ ରହିଛି। ସିଲିଂ ଜମି ନ ପାଇବାରୁ ବହୁ ସମୟରେ ପାଇକମାଳ ତହସିଲ ଓ ପଦ୍ମପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲୋକେ ଧାରଣା ଦେଇଛନ୍ତି। ସିଲିଂ ଜମି ପାଇ ନ ଥିବା ନିଆଜ ଅଲ୍ଲୀ ସୋମବାର ପୁଣି ପାଇକମାଳ ତହସିଲଦାରଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

## ମାଟିରେ ମିଶିଯିବ କଂସଙ୍କ ରାଜମହଲ

ବରଗଡ଼, ୧।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ଭଳି ଉଚ୍ଛେଦର ଦ୍ୱିତୀୟ ଦିବସରେ ସେଭଳି ଚାପା ଉତ୍ତେଜନା ଦେଖିବାକୁ ମିଳି ନ ଥିଲା । ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲରେ ଥିବା ଘରଗୁଡ଼ିକ ଭଙ୍ଗାଯାଇଥିଲା। ତେବେ ଏହି ଉଚ୍ଛେଦ ଅଭିଯାନରେ ଧନୁଯାତ୍ରାବେଳେ କଂସଙ୍କ ରାଜମହଲ ହୋଇଆସୁଥିବା ଦୀର୍ଘବର୍ଷର ମାରୱାଡ଼ି ଧର୍ମଶାଳା ମଧ୍ୟ ବାଦ୍ ପଡ଼ିନାହିଁ। ଜବରଦଖଲରେ ତାହା ରହିଥିବା ଚିହ୍ନଟ ହୋଇଛି। ଏହି କ୍ରମରେ ମାରୱାଡ଼ି ଧର୍ମଶାଳା(କଂସଙ୍କ ରାଜ ମହଲ)ର କିଛି ଅଂଶକୁ ମଧ୍ୟ ଭଙ୍ଗା ଯାଇଛି । ଯଦି ସୀମା ଚିହ୍ନଟ ଅନୁଯାୟୀ ଭଙ୍ଗାଯିବ, ତେବେ କଂସଙ୍କ ଏହି ରାଜମହଲ ମଧ୍ୟ ଧୂଳିସାତ୍ ହୋଇଯିବ । ସୂଚନା ଅନୁଯାୟୀ, ୧୯୦୨ରୁ ମାରୱାଡ଼ି ଧର୍ମଶାଳା ନିର୍ମାଣ ହୋଇଛି। ଧନୁଯାତ୍ରା ସମୟରେ ଏହା ମଥୁରାଧିପତି କଂସଙ୍କ ରାଜମହଲ ପାଲଟିଥାଏ। ଧନୁଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ କଂସ ମହାରାଜା ଅନ୍ୟ ସାଥୀ କଳାକାରଙ୍କୁ ନେଇ ଏଠାରେ ଦିନରାତି ବିତାଇଥାନ୍ତି। ଧର୍ମଶାଳା ସମ୍ମୁଖକୁ ହାତୀ, ଘୋଡ଼ା, ଓଟ ପହଞ୍ଚିଥାନ୍ତି ଏବଂ ସେମାନଙ୍କ ପିଠିରେ ଚଢ଼ି କଂସଙ୍କ ସମେତ ମନ୍ତ୍ରୀ, ସେନାପତି ଏବଂ ଅନ୍ୟ କଳାକାର ମଥୁରା ପରିକ୍ରମାରେ ବାହାରିଥାନ୍ତି। ଦୃଶ୍ୟାଭିନୟ ସରିବା ପରେ ପୁଣି ଏଠାକୁ ପ୍ରତ୍ୟାବର୍ତ୍ତନ ସହିତ ରାତ୍ରିଯାପନ କରିଥାନ୍ତି। ଅପରପକ୍ଷେ ଅନ୍ୟଦିନ ସ୍ୱଳ୍ପଭଡ଼ାରେ ଲୋକେ ଉକ୍ତ ଧର୍ମଶାଳାରେ ରହିଥାନ୍ତି । ଉଚ୍ଛେଦ ହେଲେ ଆଗାମୀ ଧନୁଯାତ୍ରା ସମୟରେ କେଉଁ ସ୍ଥାନ ରାଜମହଲ ପାଲଟିବ, ତାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।



## ବିପୁଳ କଫ୍ ସିରପ୍ ଜବତ, ଜଣେ ଗିରଫ

ବରଗଡ଼, ୧।୮ (ପ୍ରେମାନନ୍ଦ ଖମାରୀ)

- ପିକ୍‌ଅପ୍ ଭ୍ୟାନ୍‌ରେ ହେଉଥିଲା ଚାଲାଣ
- ୩୨୦୦ ବୋତଲ କଫ୍ ସିରପ୍ ଜବତ

ବରଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର କଫ୍ ସିରପ୍ ବୋଝେଇ ଏକ ପିକଅପ୍ ଭ୍ୟାନ୍ (ନଂ.ଓଡ଼ି୧୭ୟୁ/୮୭୦୯)କୁ ଜବତ କରିଛି। ଏହାସହିତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ବିଶ୍ୱେଶରପାଲି ଗ୍ରାମର ସୁଶିଲ ମହାକୁର ବୋଲି ବୋଲି ପୋଲିସ ସୂଚନା ଦେଇଛି । ପିକଅପ୍ ଭ୍ୟାନରେ ରହିଥିବା ୩୨୦୦ ବୋତଲ କଫ୍ ସିରପକୁ ପୋଲିସ ଜବତ କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୦୭/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

ଏ ନେଇ ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଥିଲେ, କଫ୍ ସିରପ ଚାଲାଣ ହେଉଥିବା ନେଇ ମଙ୍ଗଳବାର ସକାଳେ ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ପୋଲିସ ଅମ୍ବାପାଲି ଛକ ନିକଟରେ ଜଗି ରହିଥିଲା। ତେବେ କଫ ସିରପ୍ ବୋଝେଇ ପିକଅପ୍ ଭ୍ୟାନ୍‌ଟି ନୂଆ ଜିରା ବ୍ରିଜ ଦେଇ ଅତିକ୍ରମ କରୁଥିବା ବେଳେ ପୋଲିସ ତାକୁ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ବୟାନ ଅନୁଯାୟୀ, ସେ କଟକ ଛତ୍ରବଜାରକୁ କୋବି ନେଇ ଯାଇଥିଲେ ଏବଂ ସେଠାରେ ତାହା ଓହ୍ଲାଇ ଭୁବନେଶ୍ୱରକୁ ଯାଇଥିଲେ। ଭୁବନେଶ୍ୱରରୁ କଫ ସିରପ ଧରି ଆସିଥିବା ଏବଂ ଏଥିରେ ଅନ୍ୟ ୨ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୁକ୍ତ ବୟାନ ଦେଉଛନ୍ତି। ତେବେ ଏଥିରେ କେତେ ସତ୍ୟତା ରହିଛି, ସେ ନେଇ ଅଧିକ ତଦନ୍ତ ଚାଲୁଛି ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

## ସଂକ୍ଷେପରେ

### ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

ଗତ ରବିବାର ରାଉରକେଲା ପୋଲିସ ଜିଲା ଅଧୀନ ଗୁରୁଣ୍ଡିଆ ବ୍ଲକ ବାଦଲଗିରି ଜଳପ୍ରପାତରେ ଗାଧୋଉଥିବା ବେଳେ ନିଖୋଜ ଥିବା ରାଉରକେଲା ଏନଆଇଟିର ଜଣେ କର୍ମଚାରୀଙ୍କ ମୃତଦେହ ୩ଦିନ ପରେ ଉଦ୍ଧାର ହୋଇଛି। ମୃତକ ହେଲେ ଦେବଗଡ ଜିଲା ବାରକୋଟ ଥାନା ବଳିତା ଗାଁର ଜୟକୃଷ୍ଣ ସାହୁ(୨୩)। ରାଉରକେଲା ଓଡ୍ରାଫ ଟିମ୍ ଓ ବଣାଇ ଅଗ୍ନିଶମ କର୍ମଚାରୀମାନେ ୩ଦିନ ପରେ ଜୟକୃଷ୍ଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ବଣାଇ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବଣାଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଦୁଇବର୍ଷ ମଧ୍ୟରେ ବାଦଲଗିରି ଜଳପ୍ରପାତରେ ବୁଡି ୪ ଜଣଙ୍କ ମୃତ୍ୟୁ ହେଲାଣି।

### ରାସ୍ତାରେ ଜଳିଗଲା ସ୍କୁଟି



ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହର ବନ୍ଧମୁଣ୍ଡା ଏ ସେକ୍ଟର ଛକରେ ମଙ୍ଗଳବାର ଏକ ବିଦ୍ୟୁତ ଚାଳିତ ସ୍କୁଟି ଜଳିଯାଇଛି। ତେବେ ସ୍କୁଟି ଚାଳକ ଜଣଙ୍କ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଅଞ୍ଚଳର ରାଜେଶ ମହାତ(୩୮) ମଙ୍ଗଳବାର ବନ୍ଧମୁଣ୍ଡା ଏ ଛକକୁ ଯାଉଥିବା ବେଳେ ହଠାତ୍ ତାଙ୍କ ସ୍କୁଟିରୁ ଧୁଆଁ ବାହାରିଥିଲା। ଏହାପରେ ସ୍କୁଟିଟି ଜଳିବା ଦେଖି ରାଜେଶ ସ୍କୁଟି ଉପରୁ ଡେଇଁ ପଡିଥିଲେ। ଏହା ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ହୋଇଥିବା କେତେକ ମତ ଦେଇଛନ୍ତି।

### ଝେଙ୍ଗନାଡ଼ିହିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାଇକମାଳ, ୧।୮ (ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଭେଙ୍ଗରଜପୁର ଗ୍ରାମପଞ୍ଚାୟତର ଝେଙ୍ଗନାଡିହି ସ୍ଥିତ ଖଗେଶ୍ୱର ଶେଠ ଉଚ୍ଚବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସତ୍ୟମୟ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି, କିଶୋର ଚନ୍ଦ୍ର ଶେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷଲତା ଆମର ପ୍ରକୃତ ବନ୍ଧୁ ବୋଲି କହି ଗ୍ଲୋବାଲ ୱାର୍ମିଂରୁ ବଞ୍ଚିବାକୁ ହେଲେ ଆମକୁ ଗଛ ଲଗାଇ ସେବା କରିବାକୁ ପଡିବ ବୋଲି କହିଥିଲେ। ନରୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଅଁଳା ଚାରା ଯୋଗାଇ ଦିଆଯାଇଥିଲା। ଦୁଷ୍ମନ୍ତ କୁମାର ସାହୁ ଚାରା ବଣ୍ଟନ କରିଥିଲେ।



ରାଉରକେଲାର ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ରାଉରକେଲା କ୍ଲବରେ ସମ୍ବଲପୁରୀ ଦିନ୍ ପାଳନ ଅବସରରେ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ: ବିପ୍ଲବ)

# ଅଗଷ୍ଟ ୯ ଆନ୍ଦୋଳନ ପାଇଁ ପ୍ରସ୍ତୁତି

**କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ**

ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି, ଆକାଶଛୁଆଁ ଦରଦାମ ବୃଦ୍ଧି, ରାଷ୍ଟ୍ରାୟତ ଶିଳ୍ପର ଘରୋଇକରଣ ଓ ବିକ୍ରି, ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ୪ଟି କୋର୍ଡ କରିବା ଆଦି ୧୪ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଆସନ୍ତା ୯ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ହରିବନ୍ଧୁ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏଆଇଟିୟୁସି ଜିଲା ସମ୍ପାଦକ ସଦାନନ୍ଦ ସାହୁ ବିବରଣୀ ରଖିଥିଲେ। ରାଜ୍ୟ ସଭାପତି ଅଶୋକ କୁମାର ଦାସ କହିଥିଲେ, କେନ୍ଦ୍ର ସରକାରଙ୍କ ୯ବର୍ଷ ଶାସନ କାଳରେ ଶ୍ରମିକ ଛଟେଇ, ଘରୋଇକରଣ, ରାଷ୍ଟ୍ରାୟତ ଉଦ୍ୟୋଗ ବିକ୍ରି କରିବା, ନୋଟବନ୍ଦୀ ଯୋଗୁ ଦେଶର ଅର୍ଥନୀତି ଭୁଶୁଡି ପଡିଛି। ବେକାରୀ ସଂଖ୍ୟା ବଢିଚାଲିଛି। ମଣିପୁରରେ ଆଦିବାସୀ, ହରିଜନମାନଙ୍କ ଉପରେ ହିଂସା ବଢି ଚାଲିଛି। ସେଠାରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ନାଗରିକମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦେବାରେ କେନ୍ଦ୍ର ସରକାର ବିଫଳ ହୋଇଛି। ଏହା ବିରୋଧରେ ଏଆଇଟିୟୁସି ସମେତ ଅନ୍ୟ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡିକର ଡାକରାରେ ଆସନ୍ତା ୯ତାରିଖ ଅଗଷ୍ଟ କ୍ରାନ୍ତି ଦିବସରେ ଆଇନ୍ ଅମାନ୍ୟ ଆନ୍ଦୋଳନକୁ ସୁନ୍ଦରଗଡ ଜିଲାରେ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କୃତିବାସ ନାୟକ, ଦୁର୍ଗା ପ୍ରସାଦ ବାଗ, କମଳା ମୁର୍ମୁ, କିଶୋରୀ କିସପଟ୍ଟା, ମନୋଜ ଦାସ, ଅଜିତ ତିର୍କୀ, ସତ୍ୟବାନ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଙ୍ଗନୱାଡି ସମ୍ମୁଖରେ ଜବରଦଖଲ

ରାଉରକେଲା, ୧।୮ (ଦିନେଶ ମିଶ୍ର)

କୋମଳମତି ଶିଶୁମାନଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ରାଉରକେଲାର ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରମାନ ଖୋଲାଯାଇଛି। ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟାବସ୍ଥାଠାରୁ ଆରମ୍ଭ କରି ଶିଶୁମାନଙ୍କ ପାଇଁ ଖୋଲାଯାଇଥିବା ଏହି କେନ୍ଦ୍ରଗୁଡିକ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ପଡିରହିଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ବାସନ୍ତୀ କଲୋନୀ ଅଞ୍ଚଳ ଡିଏଭି ବସ୍ତିର ଆଖଣ୍ଡଳମଣି ଅଙ୍ଗନୱାଡି କେନ୍ଦ୍ରରେ।

୨୦୧୬ ସେପଟେମ୍ବର ୯ ତାରିଖରେ ଡିଏଭି ବସ୍ତିରେ ଉକ୍ତ କେନ୍ଦ୍ରକୁ ପୂର୍ବତନ ବିଧାୟକ ଦିଲୀପ ରାୟ ଉଦଘାଟନ କରିଥିଲେ। ଅଙ୍ଗନୱାଡି ଖୋଲିବା ପରେ ଉକ୍ତ ବସ୍ତିରେ ଗର୍ଭବତୀ ମା' ଓ ଶିଶୁମାନଙ୍କୁ ସରକାରୀ ସ୍ତରରେ ସମସ୍ତ ପ୍ରକାର ସୁବିଧା ମିଳୁଥିଲା। କାଳକ୍ରମେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖକୁ ମଧ ଜବରଦଖଲ କରାଗଲା। ବର୍ତ୍ତମାନ ସମ୍ମୁଖରେ କିଛି ବ୍ୟକ୍ତି ବାଲି, ସିମେଣ୍ଟ ଓ ଇଟା ରଖି ଘର ନିର୍ମାଣ କରୁଛନ୍ତି। ଏ ନେଇ ଆର୍‌ଏସ୍‌ପି ଲ୍ୟାଣ୍ଡଗାର୍ଡଙ୍କୁ ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ଅଙ୍ଗନୱାଡି କେନ୍ଦ୍ର ଚାରିପଟକୁ ଜବରଦଖଲ କରାଯାଇଥିବାରୁ ଶିଶୁମାନଙ୍କ ଖେଳିବା ପାଇଁ ଜାଗା ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଏହି ଅଙ୍ଗନୱାଡିର ଗୋଟିଏ କକ୍ଷରେ ଶିଶୁମାନଙ୍କୁ ପାଠ ପଢ଼ାଯାଉଥିବାବେଳେ ମା'ମାନଙ୍କ ପାଇଁ ସ୍ୱତନ୍ତ୍ର ମମତା ଗୃହ, ରୋଷେଇ ଘର ଓ ଶୌଚାଳୟ ନାହିଁ। ଫଳରେ ଏଠାକୁ ଆସୁଥିବା ବହୁ ଗର୍ଭବତୀ ମହିଳା ଓ ଶିଶୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର ଗୃହର କାନ୍ଥ ଫାଟି ଆଁ କରିଛି। ପାଠପଢ଼ା କକ୍ଷରେ ଶିଶୁମାନଙ୍କ ପାଇଁ ଗ୍ୟାସ୍‌ରେ ରୋଷେଇ କରାଯାଉଛି। ରୋଷେଇ ସମୟରେ କେତେବେଳେ ବଡ଼ଧରଣର ଅଘଟଣ ଯେ ନ ଘଟିବ ତାହା କହି ହେବନାହିଁ। ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଯୋଗୁ ବର୍ତ୍ତମାନ ମାତ୍ର ଅଧିକ ଶିଶୁ ଏଠାକୁ ଆସୁ ନ ଥିବା ଅଙ୍ଗନୱାଡି କର୍ମୀ ସଂଯୁକ୍ତା ବାଗ କହିଛନ୍ତି। ଆଖଣ୍ଡଳମଣି ବସ୍ତି ଅଙ୍ଗନୱାଡିର ବିଭିନ୍ନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ସ୍ଥାନୀୟ ବସ୍ତିବାସୀ ଦାବି କରିଛନ୍ତି। ଏ ନେଇ ରାଉରକେଲା ସିଡିପିଓ ଦର୍ଶନୀ ଲାକ୍ରାଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଭି ବସ୍ତିରେ ଥିବା ଆଖଣ୍ଡଳମଣି ଅଙ୍ଗନୱାଡି କେନ୍ଦ୍ର ସମସ୍ୟା ବିଷୟରେ ମୁ ଅବଗତ ଅଛି। ସ୍ଥାନୀୟ ଆର୍‌ଆଇ ଓ ତହସିଲଦାରଙ୍କୁ ନେଇ ଉକ୍ତ ବସ୍ତିର ଅନ୍ୟ ଏକ ଖାଲିଥିବା ସ୍ଥାନରେ ନୂତନ ଅଙ୍ଗନୱାଡି ତିଆରି ପାଇଁ ଜାଗା ସର୍ଭେ ସରିଛି। ଆଗାମୀ ଦିନରେ ପାଣ୍ଠି ଆସିଲେ ଅଙ୍ଗନୱାଡି କେନ୍ଦ୍ର ତିଆରି କରାଯିବ ବୋଲି ସେ କହିଥିଲେ।





ଅଙ୍ଗନୱାଡି କେନ୍ଦ୍ର ଆଗରେ ନିର୍ମାଣ କାମ ଚାଲିଛି।

**ଶିଶୁଙ୍କ ପାଇଁ ନାହିଁ ମମତା ଗୃହ ଓ ଶୌଚାଳୟ**

# ନୂତନ ପରିଚାଳନା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା



ନୂତନ କମିଟି ସଭାପତିଙ୍କୁ କଲେଜ କର୍ତ୍ତୃପକ୍ଷ ସମ୍ବର୍ଦ୍ଧନା ଦେଉଛନ୍ତି।

ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ନୀଳଶୈଳ ମହାବିଦ୍ୟାଳୟର ନୂତନ ପରିଚାଳନା କମିଟି ନୂତନ ଭାବେ ଗଠି ହୋଇଛି। ଏହି ପରିପ୍ରେକ୍ଷୀରେ ନବଗଠିତ କମିଟି ସଦସ୍ୟଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ କଲେଜ ଅଧ୍ୟକ୍ଷ ଡାକ୍ତର ସୁରେନ୍ଦ୍ର ନାଥ ଶର୍ମା ଅଧ୍ୟକ୍ଷତା କରି ନବ ଗଠିତ କମିଟିର ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ। ପରେ କମିଟିର ସଭାପତି ତଥା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ଦିନରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ନୂତନ ପରିଚାଳନା କମିଟି ପାଖରେ କଲେଜ କର୍ତ୍ତୃପକ୍ଷ ପ୍ରସ୍ତାବ ରଖିଥିଲେ। କଲେଜର ପ୍ରମୁଖ ସମସ୍ୟାରେ କଲେଜ ନାଁରେ ଜମି ପଞ୍ଜୀକରଣ, ଶିକ୍ଷକ ଓ ଅଣଶିକ୍ଷକ ମାନଙ୍କ ଇପିଏଫ୍ ସମସ୍ୟାର ସମାଧାନ ନେଇ ପ୍ରାଧ୍ୟାପକ ପ୍ରଦୀପ ପାଣିଗ୍ରାହୀ ନୂତନ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ କଲେଜର ଅସମ୍ପୂର୍ଣ୍ଣ କାର୍ଯ୍ୟମାନ ସମ୍ପୂର୍ଣ୍ଣ କରାଇବା ନେଇ ଅଧ୍ୟାପିକା ଅଧ୍ୟାପକମାନେ ନୂତନ କମିଟିକୁ ନିବେଦନ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ପୂର୍ତ୍ତି ସଭା ପରିଚାଳନା ଏବଂ ଅଧ୍ୟାପିକା ତୃପ୍ତିରେଖା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ଗେଟ୍ ଖୋଲିଲା ମନ୍ଦିରା ଡ୍ୟାମ୍



ମନ୍ଦିରା ଡ୍ୟାମ୍‌ର ଗେଟ୍ ଖୋଲାଯାଇଛି।

ରାଉରକେଲା, ୧।୮ (ବିବେକ ମହାନ୍ତି)

ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍ ଏବଂ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ କାଂଶବାହାଲରେ ଥିବା ମନ୍ଦିରା ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଉଥିବାରୁ ଡ୍ୟାମ୍‌ର ୭ଟି ଗେଟ୍ ଖୋଲି ଦିଆଯାଇଛି। ଡ୍ୟାମ୍‌ର ମୋଟ୍ ୧୧ଟି ଗେଟ୍‌ରୁ ୭ଟି ଖୋଲା ଯାଇଥିବାରୁ ବ୍ରାହ୍ମଣୀ ନଦୀ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେଣୁ ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହ ନଦୀ ମଧ୍ୟରେ ବିଭିନ୍ନ କାର୍ଯ୍ୟରୁ ନିବୃତ୍ତ ରହିବାକୁ କୁହାଯାଇଛି।

## କ୍ଷତ୍ରିୟ ମହାସଭା କାର୍ଯ୍ୟକାରିଣୀ ବୈଠକ

ରାଉରକେଲା, ୧।୮ (ଦିନେଶ ମିଶ୍ର)

ସେକ୍ଟର-୩ ସ୍ଥିତ ଖଡ୍‌ଗ ଭବନଠାରେ ସୁରେନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ଏକ କାର୍ଯ୍ୟକାରିଣୀ ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ଖଡ୍‌ଗ ଭବନ ସ୍ଥିତ କୋର୍ଟ କେସ୍ ଭବନର ପୂର୍ଣ୍ଣ ନିର୍ମାଣ, ଆଗାମୀ ଦଶହରା ପର୍ବ ଉପଲକ୍ଷେ ପ୍ରସ୍ତୁତି, ମହିଳା ସମାବେଶ ଓ ପାରିବାରିକ ମିଳନ ପାଇଁ ମତପ୍ରକାଶ ପାଇଥିଲା। ପରେ କର୍ମକର୍ତ୍ତାମାନେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ସାକ୍ଷାତ କରିଥିଲେ। ବିଧାୟକ ତରାଇ ଜଗନ୍ନାଥ ମନ୍ଦିରର ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ଖଡ୍‌ଗ ଭବନ ନିର୍ମାଣ ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁରେନ୍ଦ୍ର ରାଉତ, ଶଶଧର ପାତ୍ର, ଜଗନ୍ନାଥ ରାଉତ, ବାବାଜୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨.୩୦ଲକ୍ଷ ଚାରା ବିତରଣ



ବିଶ୍ରା ଛକରେ ଥିବା ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର।

ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବନ ବିଭାଗ ଅଧୀନ ପାନପୋଷ, ବାଙ୍କି, ବିଶ୍ରା, କୁଆଁରମୁଣ୍ଡା, ବୀରମିତ୍ରପୁର ଓ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ୍ ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ବିଭାଗ ପକ୍ଷରୁ ୮ଟି ଯାନ ନିୟୋଜିତ କରାଯାଇଛି। ଏହି ଯାନଗୁଡିକ ଗାଁ ଗାଁ ବୁଲି ଚାରା ବିତରଣ କରୁଛି। ଏହାସହ ସହରର ବିଶ୍ରା ଛକ କ୍ରସିଂ ଏବଂ ଡିଏଭି କ୍ରସିଂରେ ୨ଟି ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଲୋକମାନଙ୍କୁ କଷ୍ଟାର୍ଡ ଆପଲ, ଗ୍ୱାଭା, ବ୍ଲାକବେରି ଆଦି ମୂଲ୍ୟବାନ ଚାରା ବଣ୍ଟନ କରାଯାଉଛି। ଏହା ଲୋକମାନଙ୍କ ଆର୍ଥିକ ରୋଜଗାର ପାଇଁ ସହାୟକ ହେବ ବୋଲି ରାଉରକେଲା ବନ ଅଧିକାରୀ ଯଶୋବନ୍ତ ସେଠୀ କହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ପାଇଁ ଜନସଚେତନା ସହ କରା, ଶାଳ, ବଉଳ, ଖଇର ରକ୍ତଚନ୍ଦନ, କୃଷ୍ଣଚୂଡା ଏବଂ ଖଇର ବୃକ୍ଷଚାରା ବିତରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ୩୦ହଜାର ବୃକ୍ଷଚାରା ବଣ୍ଟନ ହୋଇଥିବା ସେଠୀ କହିଛନ୍ତି।

# ସେକ୍ଟର ୨୨ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା, ୧।୮ (ବିବେକ ମହାନ୍ତି)

ଦକ୍ଷିଣ ରାଉରକେଲାର ବିଦ୍ୟା ଷ୍ଟଡ଼ି ପଏଣ୍ଟ ଓ ସେକ୍ଟର-୨୨ କର୍ମଚାରୀ କଲ୍ୟାଣ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟ୍ରଷ୍ଟ କାର୍ଯ୍ୟାଳୟଠାରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାନପୋଷ ରେଞ୍ଜ୍ ଅଫିସର ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି, ସିଆରପିଏଫ୍ ଡେପୁଟି କମାଣ୍ଡାଣ୍ଟ ସିରାଜୁଲ ଆଲାମ, ପୋଲିସ ଏସ୍‌ଆଇ ଚିନ୍ମୟ ବଳ, ବରିଠେ ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣିଷ ଓ ବୃକ୍ଷର ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ଆଦିତ୍ୟ କୁମାର ଷଡଙ୍ଗୀ, ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ଅଶୋକ କୁମାର ସାମଲ, ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସାହୁ, ପ୍ରଧାନଶିକ୍ଷକ ମୀନକେତନ ମହାପାତ୍ର, ସାମାଜିକ କର୍ମୀ ଗଜେନ୍ଦ୍ର ତନ୍ତୀ ଏବଂ ସନ୍ତୋଷ ଦାସ ପ୍ରମୁଖ ଅନ୍ୟମତ ଅତିଥି ଭାବେ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ଶିବ ଶଙ୍କର ନାୟକ, ସୁକାନ୍ତ ମହାନ୍ତି, ରାଧେଶ୍ୟାମ ଚିକ, ଶୁକନାଥ ବିଶୋଇ, ନିରାକର ବାରିକ, ପରମାନନ୍ଦ ତନ୍ତୀ, ସୁରେଶ ରାମ, ନରେନ୍ଦ୍ର ମଲ୍ଲିକ, ପରମେଶ୍ୱର ବେହେରା, ସୁରେନ୍ଦ୍ର ଦାସ, ଯୁଧିଷ୍ଠିର ପଶାୟତ, ସାମାଜିକ କର୍ମୀ ସଞ୍ଜୟ ଦାସ, ଅଧ୍ୟାପକ ଜିତେନ୍ଦ୍ର ପୃଷ୍ଟି, ସତେନ୍ଦ୍ର ସିଂ, ସୁନୀଲ ସାମଲ, ଚନ୍ଦ୍ରଶେଖର ମୁନିଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ଅନୁଷ୍ଠାନର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ କ୍ଷୀରୋଦ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।





ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

# ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପଣ୍ଡିତ ରଘୁନାଥ ମୁର୍ମୁ ୟଙ୍ଗ କ୍ଲବ, ଲୋଲୋ ବରକାନୀ ଚାମ୍ପିୟନ**

ରାଉରକେଲା, ୧।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଜଳଦା ମିନି ଷ୍ଟାଡିୟମରେ ୩ଦିନ ଧରି ଚାଲିଥିବା ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଯୁବ ବିଭାଗର ନୟାଡେରା ଅସୁରାଛପଲର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୟଙ୍ଗ୍ କ୍ଲବ ବିଜୟୀ ହୋଇ ଚାମ୍ପିୟନ ଦଳ ଘୋଷିତ ହୋଇଥିଲା। ଜଳଦା ୟୁନାଇଟେଡ ସ୍ପୋର୍ଟସ କ୍ଲବ ଉପବିଜୟୀ ରହିଥିଲା। ସେହିପରି ଭେଟେରାନ ବ୍ରଦର୍ସ ଲୋଲୋ ବରକାନୀ ଦଳ ଚାମ୍ପିୟନ ହୋଇଥିବା ବେଳେ ଭେଟେରାନ ପ୍ରଧାନପାଲି ଦଳ ଉପବିଜୟୀ ଘୋଷିତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ ଜଳଦା ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ସଭାପତି ସମାଇ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ସିଆର୍‌ଏସ୍‌ଏଫ୍‌ର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀ ମୁଖ୍ୟ ଅତିଥି, ଜଳଦାର ସରପଞ୍ଚ ମଥୁରା ତନ୍ତୀ, ସମିତି ସଭ୍ୟ ଗୀତା ଓରାମ, ପ୍ରାକ୍ତନ ସରପଞ୍ଚ ନୈନା ଭଞ୍ଜ, ଚମର ସିଂ ମୁଣ୍ଡାରୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଯୁବ ବିଭାଗ ବିଜୟୀ ଦଳକୁ ୧୩ ହଜାର ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ଓ ଉପବିଜୟୀ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ ହୋଇଥିଲା। ସେହିପରି ଭେଟେରାନ ବିଭାଗ ବିଜୟୀ ଦଳକୁ ଟ୍ରଫି ସହ ୭ ହଜାର ଓ ଉପବିଜୟୀ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସୁନୀଲ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ଦଳ ସହ ଅତିଥିମାନେ।

## ୨ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ପରିସରରେ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ନର୍ଲା ବିଡିଓ ବାସନ୍ତୀ ସେଠୀଙ୍କ ନେତୃତ୍ୱରେ ଅଧକ୍ଷା ମନୋରମା ମହାନ୍ତି, ଦୁର୍ଗାପ୍ରସାଦ ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶିଶୁ ବିକାଶ ଯୋଜନା ଅଧିକାରୀ ନିବାସୀନୀ ବିଶ୍ୱାଳ ଦାୟିତ୍ୱ ତୁଲାଇ ନିଜର କର୍ମ କ୍ଷେତ୍ରରୁ ଅବସର ଗ୍ରହଣ କରିଥିବା ଏବଂ ଚତୁର୍ଥ କର୍ମଚାରୀ ଭାବେ କେଶବ ସାହୁ କର୍ମମୟ ଜୀବନରୁ ଅବସର ଗ୍ରହଣ କରିବା ପରେ ଉଭୟଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ଉଭୟଙ୍କ ଦୀର୍ଘାୟୁ କାମନା କରାଯାଇଥିଲା।

### ସଂକ୍ଷେପରେ

## ବନ୍ଧୁକ ମୁନରେ ବ୍ୟବସାୟୀଙ୍କ ଘରୁ ଚୋରି

**୭ ଲକ୍ଷ ଟଙ୍କା, ୪ ଭରି ସୁନା ଗହଣା ଲୁଟିଲେ ଦୁର୍ବୃତ୍ତ**



ଭବାନୀପାଟଣା,୧।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ଦୁଲୁକିବନ୍ଧ ଗ୍ରାମରେ ଏକ ବଡ଼ ଧରଣର ଡକାୟତି ହୋଇଛି। ସୋମବାର ବିଳମ୍ବିତ ରାତିରେ ଗ୍ରାମର ରାଜେଶ ସରାଫ ନାମକ ଜଣେ ବ୍ୟବସାୟୀଙ୍କ ଘରୁ ବନ୍ଧୁକ ମୁନରେ ୬ ଜଣ ଦୁର୍ବୃତ୍ତ ୭ ଲକ୍ଷ ୩୫ ହଜାର ଟଙ୍କା, ୪ ଭରି ସୁନା, ୨ କେଜି ରୁପା ଲୁଟି ନେଇଥିବା ଜଣାପଡିଛି। ରାଜେଶ ଓ ତାଙ୍କ ପରିବାର ଶୋଇଥିବାବେଳେ ୬ଜଣ ଡକାୟତ ରାଜେଶଙ୍କ ଘରେ ପଶି ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ପ୍ରଥମେ ରାଜେଶଙ୍କୁ ବାନ୍ଧି ଦେଇଥିଲେ। ପରେ ଟଙ୍କା ସହ ସୁନା ଗହଣା, ରୁପା ଚୋରି କରି ନେଇଥିଲେ। ଏ ନେଇ ମଙ୍ଗଳବାର ରାଜେଶ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ଘଟଣାସ୍ଥଳକୁ ଧର୍ମଗଡ଼ ଏସଡିପିଓ ଧୀରଜ କୁମାର ଚୋପଦାର, କଲମପୁର ଥାନା ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଡକାୟତି ଘଟଣା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିବାବେଳେ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

## ଖଡ଼ିଆଳ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଦାବି

ଖଡ଼ିଆଳ,୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଗ୍ରାମାଞ୍ଚଳରେ ଗତ କିଛି ବର୍ଷ ହେଲା ଅସାମାଜିକ ବ୍ୟକ୍ତିମାନଙ୍କ ପ୍ରାଦୁର୍ଭାବର ଗତିବିଧି ବଢି ଚାଲିଛି। ମୁଖ୍ୟତଃ ସହରଠାରୁ ବରଗାଁ ଚକାଡଙ୍ଗର ରାସ୍ତା ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢୁଛି। ରାତି ୮ଟାରୁ ଏହି ଚକାଡ଼ଙ୍ଗାର ରାସ୍ତା ଦେଇ ବରଗାଁ, ସାନମହେଶର, ବଡ଼ମହେଶ୍ୱର, ସୁନାମୁଦି, ଡିଖାଲି ଗ୍ରାମକୁ ଯାଉଥିବା ଲୋକେ ଯାତାୟାତ ଭୟ କରୁଛନ୍ତି। ଖଡ଼ିଆଳ ପୋଲିସ ଏଥିପ୍ରତି ଧ୍ୟାନ ଦେଇ ଚକାଡଙ୍ଗର ପର୍ଯ୍ୟନ୍ତ ପ୍ରତିଦିନ ପାଟ୍ରୋଲିଂର ବ୍ୟବସ୍ଥା କରିବା ପାଇଁ ଏହି ଅଞ୍ଚଳରେ ବାସ କରୁଥିବା ଲୋକମାନେ ଦାବି କରିଛନ୍ତି। ଏ ବିଷୟରେ ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ସହିତ ଯୋଗାଯୋଗ କରାଯିବାରୁ ପ୍ରାୟ ଖଡ଼ିଆଳ ସହର ସମେତ ଗ୍ରାମାଞ୍ଚଳକୁ ପାଟ୍ରୋଲିଂ କରାଯାଉ ଥିବା ବେଳେ ଆଗାମୀ ଦିନରେ ପାଟ୍ରୋଲିଂକୁ ଆହୁରି ବଢ଼ାଇ ଦିଆଯିବ ବୋଲି କହିବା ସହିତ ଜନସାଧାରଣଙ୍କ ସୁରକ୍ଷା ପୋଲିସର ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ।

## ଧାନ ବିକ୍ରି ନେଇ ଜିଲାପାଳ, ବିଧାୟକଙ୍କୁ ଫେରାଦ

ଜୁନାଗଡ଼,୧।୮(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ପଞ୍ଚାୟତ ଚିଲିଗୁଡା ଓ ଖସିଗୁଡା ଗ୍ରାମର ଚାଷୀମାନେ ଚଳିତ ଖରିଫରେ ଧାନ ବିକ୍ରିକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି। ପ୍ରତିବର୍ଷ ଏଠାକାର ଚାଷୀ ଚିଲଗୁଡ଼ା ମଣ୍ଡିରେ ଧାନ ବିକ୍ରି କରୁଥିଲେ। ଏଥର ଯେଉଁ ଚାଷୀଙ୍କ ଜମି ଯେଉଁ ମଣ୍ଡି ନିକଟରେ ରହିଛି, ସେହି ମଣ୍ଡିରେ ଧାନ ବିକ୍ରି କରିବାକୁ ଯିବା ପାଇଁ ନିୟମ ହୋଇଛି। ଏହି ଦୁଇ ଗ୍ରାମର ଚାଷୀଙ୍କ ଚାଷ ଜମି ବଣିଜରା, ରାଜପୁର ଓ ମୁଣ୍ଡରାଗୁଡାରେ ରହିଛି। ତେଣୁ ସ୍ଥାନୀୟ ଚାଷୀ ଏହି ନିୟମ ଯୋଗୁ ଖରିଫ ଧାନ ବିକ୍ରି କରିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଏହାର ସମାଧାନ କରିବା ପାଇଁ ଜିଲାପାଳ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ଚାଷୀ ପଦ୍ମ ନାଭ ନାଗ, ଅଂଶୁମାନ ଯୋଶୀ, ବାସୁଦେବ ଛତ୍ରିଆ, ଅମର ଦାସ ବାଗ, ସେନାପତି କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ ମରାମତି କଲେ ଚାଷୀ

କୋକସରା,୧।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

**ଶୁଣିଲାଣି କ୍ଷୁଦ୍ର ଜଳସେଚନ ବିଭାଗ**

■ମରାମତି ପରେ ଜଳସେଚନ କରୁଛନ୍ତି ଚାଷୀ

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ କ୍ଷୁଦ୍ର ଜଳସେଚନ ଅଣୁ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାରେ ଚେକଡ୍ୟାମ ନିର୍ମାଣ କରାଯାଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଚେକଡ୍ୟାମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଡ୍ୟାମରୁ ଜଳସେଚନ ସୁଚାରୁ ରୂପେ ହେଉ ନ ଥିବା ବେଳେ ଅନେକ ସ୍ଥାନରେ କେନାଲ ଭାଙ୍ଗି ଯାଇଥିବାରୁ ଚାଷୀଙ୍କ ଜମିକୁ ପାଣି ମାଡୁନାହିଁ। ବ୍ଲକର ଗୋଟୋମୁଣ୍ଡା ପଞ୍ଚାୟତ ଅଠରନାଲା ଚେକଡ୍ୟାମରୁ ପାଖାପାଖି ୩ ଶହ ଏକର ଚାଷଜମି ଜଳସେଚିତ ହେଉଥିବା ବେଳେ କେନାଲର ଅନେକ ସ୍ଥାନରେ ଭାଙ୍ଗି ପଡିଥିବାରୁ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହୁଛନ୍ତି। କେନାଲ ମରାମତି ପାଇଁ ଗୋଟୋମୁଣ୍ଡା ପଞ୍ଚାୟତ ବାଞ୍ଜିକୋଟ, ଚୋରନିଦ୍ୱାର ଭଇଁସାଲପଡା ଅଞ୍ଚଳର ଚାଷୀମାନେ ଗତ ୨/୩ ବର୍ଷ ଧରି ଅନେକ ସମୟରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଥିଲେ। କୌଣସି ଫଳପ୍ରଦ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ଗତ କିଛିଦିନ ଧରି ଲଘୁଚାପ ବର୍ଷା ଯୋଗୁ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ କେନାଲଗୁଡିକ ଭାଙ୍ଗି ପଡିଥିବାରୁ ଚାଷୀମାନେ ନିଜସ୍ୱ ଉଦ୍ୟମରେ ଭଙ୍ଗା କେନାଲ କାନ୍ଥରେ ତାରପୋଲିଂ, ବାଲିବସ୍ତା, ମାଟି ପକାଇ ଚାଷ ଜମିକୁ ପାଣି ମଡାଉଥିବା ଦେଖିବାକୁ ମିଳିଛି। ତେବେ ଆଗକୁ କେନାଲ ମରାମତି ନ କଲେ ଅଞ୍ଚଳ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ଚାଷୀ ତ୍ରିନାଥ ଜାନୀ, ଯୁଗେଶ୍ୱର ମାଝି, ଦ୍ରୋଣ ପୂଝାରୀ, ଉପେନ୍ଦ୍ର ବାଗ, ସତ୍ୟ ନାଗ, ଗଣେଶ ପୂଝାରୀ, ସୁନିଲ ପୂଝାରୀ, ପ୍ରକାଶ ମାଝି ପ୍ରମୁଖ କହିଛନ୍ତି। ଏ ନେଇ କୋକସରା କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ଦାସଙ୍କ ପ୍ରତିକ୍ରିୟା ନେବାରୁ ଅଠରନାଳ ଚେକଡ୍ୟାମ ଓ କେନାଲ ନିର୍ମାଣ ପାଇଁ ଇଷ୍ଟିମେଟ ଦିଆଯାଇଛି। ଅନୁଦାନ ଆସିଲେ କାର୍ଯ୍ୟ ହେବ ବୋଲି କହିଛନ୍ତି।



ଚାଷୀମାନେ କେନାଲ ମରାମତି କରୁଛନ୍ତି।

## ଓସିଏସ୍ ପରୀକ୍ଷାଫଳ: ଖଡ଼ିଆଳ ଅଞ୍ଚଳର ୨ ପରୀକ୍ଷାର୍ଥୀଙ୍କ ସଫଳତା

ଖଡ଼ିଆଳ,୧।୮(ସୁଜିତ୍ କୁମାର ପ୍ରଧାନ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ନୂଆପଡା ଜିଲା ଖଡ଼ିଆଳ ବ୍ଲକର ଦୁଇଜଣ ଛାତ୍ର ସଫଳତା ପାଇଥିବାରୁ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ସରାଧାପୁର ପଞ୍ଚାୟତର ଢ଼ଙ୍କସର ଗ୍ରାମର ଦିବ୍ୟପ୍ରକାଶ ବିଶି ୨୫୨ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦିବ୍ୟ ପ୍ରକାଶ ଖଡିଆଳ ପବ୍ଲିକ ସ୍କୁଲରେ ଶିକ୍ଷା ଗ୍ରହଣ ପରେ ଉଚ୍ଚ ଶିକ୍ଷା ପାଇଁ ଶ୍ରୀ ଚୈତନ୍ୟ ବିଶାଖାପାଟଣାରେ ବିଟେକ, ଏନଆଇଟି ଦୁର୍ଗାପୁରରେ ଶିକ୍ଷା ଗ୍ରହଣ କରିଥିଲେ। ସେହିପରି ଖଡ଼ିଆଳ ଲାଲସାହେବ ପଡ଼ା ୱାର୍ଡ ନମ୍ବର ୦୭ ନିବାସୀ ଆର୍ତ୍ତତ୍ରାଣ ତାଣ୍ଡି ୩୧୬ ର୍‍ୟାଙ୍କରେ ଉତ୍ତିର୍ଣ୍ଣ ହୋଇଛନ୍ତି। ତାଙ୍କ ବାପା ଭଜମନ ତାଣ୍ଡି, ଓ ମା ବାସନ୍ତୀ ତାଣ୍ଡିଙ୍କ ଉଦ୍ୟମରେ ପୁଅ ସଫଳତା ହାସଲ କରିଛନ୍ତି। ଭାଜମନ ଜଣେ ସଫଳ ବ୍ୟକ୍ତି, ନିଜ ଜୀବନରେ ଶିକ୍ଷାର ମହତ୍ୱ ବୁଝି ପାରି ନିଜ ପୁଅଙ୍କୁ ଉଚ୍ଚ ଶିକ୍ଷା ଏକ ମାତ୍ର ଲକ୍ଷ ରଖିଥିଲେ। ତାଙ୍କର ଏହି ଲକ୍ଷକୁ ଆଜି ପୁଅ ସଫଳ କରିଛନ୍ତି। ତାଙ୍କ ମା' ଜଣେ ଗୃହିଣୀ ଭାବେ ସହଯୋଗ କରି ଆସିଛନ୍ତି। ଆର୍ତ୍ତତ୍ରାଣ ତାଣ୍ଡି ଓଡ଼ିଶା ଅର୍ଥ ବିଭାଗରେ କାର୍ଯ୍ୟରତ ଅଟନ୍ତି।



ଆର୍ତ୍ତତ୍ରାଣ ତାଣ୍ଡି



ଦିବ୍ୟପ୍ରକାଶ ବିଶି

## ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ କୋଶଳେଶ୍ୱରୀ

ଖଡ଼ିଆଳ,୧।୮(ସୁଜିତ୍ କୁମାର ପ୍ରଧାନ)

**ନିଟ୍‌ର ଭୁଲ୍ ଯୋଗୁ କ୍ୟାରିୟର ନଷ୍ଟ**

ସ୍ୱପ୍ନ ଥିଲା ଡାକ୍ତର ପାଠ ପଢ଼ି ଲୋକଙ୍କ ସେବା କରି ମା'ବାପା ଏବଂ ପରିବାର ତଥା ଅଞ୍ଚଳର ନାଁ ରଖିବା। ହେଲେ ନିଟର ପରୀକ୍ଷା ଫଳ ପ୍ରକାଶରେ ତ୍ରୁଟି ଏବଂ ଭୁଲ ଯୋଗୁ ଆଶା ଚୂରମାର ହୋଇଯିବା ସହ ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିବା ସହ କ୍ୟାରିୟର ନଷ୍ଟ ହୋଇଛି। ନୂଆପଡା ଜିଲା ଖଡ଼ିଆଳ ସହର ମେଧାବୀ ଛାତ୍ରୀ କୋଶଳେଶ୍ୱରୀ ସାହୁଙ୍କ କ୍ଷେତ୍ରରେ ଏଭଳି ହୋଇଥିବା ଅଭିଯୋଗ ହୋଇଛି। ଖଡ଼ିଆଳ ସହର ୱାର୍ଡ ନମ୍ବର ୫ର ସଦାନନ୍ଦ ସାହୁ ଏବଂ ସଙ୍ଗୀତା ସାହୁ ଝିଅ କୋଶଳେଶ୍ୱରୀ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲକ୍ଷ୍ୟ ରଖି ମା'ବାପାଙ୍କ ସ୍ୱପ୍ନକୁ ସାକାର କରି ତାଙ୍କ ନାମ ତଥା ପରିବାର ଏବଂ ଅଞ୍ଚଳର ନାଁ ରଖିବେ ବୋଲି ଆଶା ରଖିଲେ। ଏଥିପାଇଁ ସେ ଚଳିତ ୨୦୨୩ ନିଟ ପରୀକ୍ଷା ଦେଇ ସର୍ବଭାରତୀୟସ୍ତରରେ ୩୧୪୭୪ ର୍‍ୟାଙ୍କ ରଖି ୬୦୩ ନମ୍ବର ପାଇ ଉତ୍ତିର୍ଣ୍ଣ ହୋଇଥିଲେ। ବର୍ତ୍ତମାନ ମେଡିକାଲ କାଉନସିଲିଂ ସମୟରେ ପରୀକ୍ଷା ଫଳରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ୩୧୪୭୪ ର୍‍ୟାଙ୍କ ସ୍ଥାନରେ ୬୦୬୪୬୮ ର୍‍ୟାଙ୍କ ଦର୍ଶାଇ ଥିବାବେଳେ ପାଇଥିବା ୬୦୩ ମାର୍କ ସ୍ଥାନରେ ୨୩୨ ମାର୍କ ଦର୍ଶାଯାଇଛି। ଫଳରେ ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିବା ବେଳେ ନିଜର କ୍ୟାରିୟର ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କୋଶଳେଶ୍ୱରୀ ଭଲ ର୍‍ୟାଙ୍କ ସହ ମାର୍କ ପାଇଁ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବାରୁ ସରକାରୀ କଲେଜରେ ଡାକ୍ତରୀ ପାଠ ପଢ଼ି ଡାକ୍ତର ହେବ ବୋଲି ପରିବାର ସହ ବନ୍ଧୁବାନ୍ଧବ ସମସ୍ତଙ୍କ ମନରେ ଖୁସିର ମାହୋଲ ଥିଲା। ତେବେ ନିଟର ତ୍ରୁଟି ଏବଂ ଭୁଲ ଯୋଗୁ ଏବେ କୋଶଳେଶ୍ୱରୀଙ୍କ ଡାକ୍ତରୀ ପାଠ ପଢ଼ାରୁ ବଞ୍ଚିତ ହେବା ସମସ୍ତଙ୍କୁ ନିରାଶ କରିଛି। କୋଶଳେଶ୍ୱରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ନିଟର ତ୍ରୁଟି ଏବଂ ଭୁଲ ପରୀକ୍ଷା ଫଳ ପ୍ରକାଶ ଯୋଗୁ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ମଧ ଡାକ୍ତରୀ ପାଠପଢ଼ାରୁ ବଞ୍ଚିତ ହେବା ଘଟଣା ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ମେଧାବୀ ଛାତ୍ରୀ କୋଶଳେଶ୍ୱରୀ ସାହୁ

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୧।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ ସୋମବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଅୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇଙ୍କ ସଭାପତିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପୁରୋହିତ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ପ୍ରଧାନ, ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହିର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ପ୍ରଂଶସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବସନ୍ତ କୁମାର ପଟ୍ଟନାୟ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ଶେଷଦେ ଭୋଇ, ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ନାଏକ, ବିଜ୍ଞାନ ଶିକ୍ଷକ ଲଳିତ କୁମାର ସାହୁ, ପ୍ରଧାନ ଶିକ୍ଷକ ଶିକ୍ଷକ ରାମଚନ୍ଦ୍ର ରଥ, ହିନ୍ଦୀ ଶିକ୍ଷକ ଅରବିନ୍ଦ ସାହୁ, ଗଣିତ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ ମଧୁସୂଦନ ପଧାନ, ବାଞ୍ଜିପଦର ଉନ୍ନିତ ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁପା ଚନ୍ଦ୍ର ସାହୁ, ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ଜେନାଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ/ସଦସ୍ୟା ଓ ଅନ୍ୟ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ଅନୁଚିନ୍ତନ କାର୍ଯ୍ୟକ୍ରମ




ବିଦ୍ୟାଳୟସ୍ତରୀୟ ଅନୁଚିନ୍ତନ କାର୍ଯ୍ୟକ୍ରମ।

ଭବାନୀପାଟଣା,୧।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୋ' ସ୍କୁଲ ଅଭିଯାନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଅନୁଚିନ୍ତନ କାର୍ଯ୍ୟକ୍ରମ-୨୦୨୩ କାର୍ଯ୍ୟକ୍ରମ ଓ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷ ଆଶିଷ କୁମାର ପଣ୍ଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବରିଷ୍ଠ ଶିକ୍ଷୟିତୀ ଲକ୍ଷ୍ମୀବରର୍ଗଡ଼ି ଓ ସଂଯୁକ୍ତା ଦାଶ ମୋ ସ୍କୁଲ ଏକ 'ଆଦର୍ଶ ବିଦ୍ୟାଳୟ' ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ଶତପ୍ରତିଶତ ନାମଲେଖା, ଶତପ୍ରତିଶତ ଉପସ୍ଥାନ ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିବା ଛାତ୍ର-ଛାତ୍ରୀଙ୍କ ସାମଗ୍ରୀକ ଉନ୍ନତି ନିମନ୍ତେ ମୋ ସ୍କୁଲ ଅନୁଚିନ୍ତନ କାର୍ଯ୍ୟକ୍ରମକୁ ବ୍ୟାପକରୁ ବ୍ୟାପକ କରି ଛାତ୍ର-ଅଭିଭାବକ, ପୁରାତନ ଛାତ୍ର ସମୂହ ଏବଂ ଗ୍ରାମବାସୀଙ୍କ ସହାୟତାରେ ଜନଭାଗିଦାରି କାର୍ଯ୍ୟକ୍ରମ ମାଧମରେ ସଫଳ ରୂପାୟନ କରାଯାଇ ପାରିବ ବୋଲି ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷୟିତ୍ରୀ ସବ୍ୟା ମଞ୍ଜରୀ ପଟ୍ଟନାୟକ ଏବଂ ସୁଚେତା ଦାଶ ବିଦ୍ୟାଳୟ ଏବଂ ଛାତ୍ର-ଛାତ୍ରୀଙ୍କୁ ନିଜର ନିଷ୍ଠାପର ନିରର୍ବିଛିନ ସେବା ପ୍ରଦାନ କରିଥିବା ସହ ପଦୋନ୍ନତି ପାଇଁ ବଦଳୀ ହୋଇଯାଉଥିବାରୁ ସମସ୍ତ ଛାତ୍ର-ଛାତ୍ରୀ, ପରିଚାଳନ କମିଟି ଏବଂ ସହକର୍ମୀଙ୍କ ପକ୍ଷରୁ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ କଲ୍ୟାଣୀ ଦାସ, ନିଶାମଣୀ ଦେଇ ଏବଂ ପ୍ରତିଭା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋମିଓପାଥିକ ଡାକ୍ତର ଅଭାବ, ରୋଗୀ ସେବା ଠପ୍

ଖଡ଼ିଆଳ,୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଡାକ୍ତରଖାନାରେ ଡାକ୍ତରଙ୍କ ବଦଳି ଯୋଗୁ ହୋମିଓପ୍ୟାଥିକ ଡାକ୍ତରଖାନା ବନ୍ଦ ପଡ଼ିରହିଛି। ୧୯୮୬ରୁ ଆରମ୍ଭ ହୋଇଥିବା ତଥା ତତ୍କାଳିନ ମନ୍ତ୍ରୀ ଅନୁପ ସିଂଦେଓଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଡାକ୍ତରଖାନା ବନ୍ଦ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଡ଼ିଆଳ, ବୋଡ଼େନ, ସିନାପାଲି, କୋମନା, ବଙ୍ଗୋମୁଣ୍ଡା ତଥା ଅନ୍ୟାନ୍ୟ ସ୍ଥାନର ଅନେକ ରୋଗୀମାନେ ଏହି ଡ଼ାକ୍ତରଖାନା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଡାକ୍ତର ଅଭାବ ଯୋଗୁ ଏହା ବନ୍ଦ ପଡ଼ିଛି। ହୋମିଓପାଥି ଚିକିତ୍ସା ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ବହୁ ରୋଗୀ ଏଠାରୁ ଉପକୃତ ହେଉଥିଲେ। ଡାକ୍ତରଙ୍କ ସ୍ଥାନାନ୍ତରଣ ଓ ନୂତନ ଡାକ୍ତରଙ୍କ ଯୋଗଦାନ ନ ହେବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ଏହି ୩୮ ବର୍ଷର ଅନୁଷ୍ଠାନକୁ ପୁନର୍ବାର ଖୋଲାଯାଇ ରୋଗୀମାନଙ୍କ ସେବାରେ ଲଗାଯାଇ ପାରିଲେ ଲୋକମାନେ ଉପକୃତ ହେଇପାରିବେ। ଜିଲା ପ୍ରଶାସନ ଏହାପ୍ରତି ଧ୍ୟାନ ଦେଇ ତରୁନ୍ତ ଏହି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

## କେସିଙ୍ଗା ଅଞ୍ଚଳରେ ଡୁହାକୁ ଡୁହା ବର୍ଷା

କେସିଙ୍ଗା,୧।୮(ଡୁମେଶ୍ୱର ସାହୁ)

**ଧାନ ଚାଷ ପାଇଁ ଉପଯୋଗୀ ହେବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ମଙ୍ଗଳବାର ସକାଳୁ ଡୁହାକୁ ଡୁହା ବର୍ଷା ହେଉଛି। ଚାଷୀ ଦୀର୍ଘ ଦିନରୁ ବର୍ଷା ପାଣି ଉପରେ ନିର୍ଭର କରି ଚାଷ କାର୍ଯ୍ୟରେ ଆଗେଇବାରେ ବାଧା ସୃଷ୍ଟି ହେଉଥିଲା। ସମଗ୍ର ବ୍ଲକରେ ୨୯ ହାଜର ୭୩୦ ହେକ୍ଟର ଜମି ରହିଛି। ଏଥିମଧ୍ୟରୁ ୮୮୯ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଛି। ୨୨ହଜାର ୭୭୫ ହେକ୍ଟର ଜମିରେ କପା, ମକା, ହରଡ, ପନିପରିବା, ସହ ବିଭିନ୍ନ ଚାଷ କରାଯାଇଛି। ସମଗ୍ର ବ୍ଲକରେ କୌଣସି ଜଳସେଚନ ସୁବିଧା ନ ଥିବାରୁ ବର୍ଷା ଜଳ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ଅନେକ ଚାଷୀ ଟ୍ରାକ୍ଟର, ଡ଼ିଜେଲ ପମ୍ପ ଦ୍ୱାରା ପାଣି ମଡ଼ାଇ ଧାନ ଚାଷ କରୁଛନ୍ତି। ଜୁନ, ଜୁଲାଇ ମାସ ପରେ ଅଗଷ୍ଟ ଏକ ତାରିଖରେ ଭଲ ବର୍ଷା ହେବାରୁ ଚାଷୀ ଆଜି ମନରେ ଖୁସି ଅନୁଭବ କରୁଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା କୃଷି ବିଭାଗ ଗୋଷ୍ଠୀ ଅଧିକାରୀ ଘନଶ୍ୟାମ ଦେହୁରୀଙ୍କୁ ପଚାରିବାରୁ ଆଜିଠୁ ଭଲ ବର୍ଷା ହେଉଛି। ୩/୪ଦିନ ଏପରି ବର୍ଷା ହେଲେ ଭଲ ଚାଷ ହେବ ବୋଲି ପ୍ରକାଶ କରିଥିଲେ।



କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ବର୍ଷା ଯୋଗୁ ଜନଶୂନ୍ୟ।

## ନୋଡାଲ ୟୁପି ସ୍କୁଲରେ ପଶିଲା ବର୍ଷାପାଣି

ଏମ୍.ରାମପୁର,୧।୮
(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍.ରାମପୁର ସହରର ସର୍ବପୁରାତନ ନୋଡାଲ ୟୁପି ସ୍କୁଲ ପରିସରରେ ମଙ୍ଗଳବାର ବର୍ଷା ଜଳ ପଶିଯାଇଛି। ରାସ୍ତାଠାରୁ ଖାଲୁଆ ସ୍ଥାନରେ ସ୍କୁଲ କୋଠା ସହିତ ଚାରିପଟ କାନ୍ଥ ହେତୁ ବର୍ଷା ଜଳ ନିଷ୍କାସିତ ହେଇ ପାରୁନାହିଁ। ଏହା ସାଙ୍ଗକୁ ସ୍ଥାନ ଅଭାବ ହେତୁ ଶ୍ରେଣୀ ପରିଚାଳନା ବାଧା ପ୍ରାପ୍ତ ହେଉଛି। ଏହି ବିଦ୍ୟାଳୟରେ ଆଠଟି ଶ୍ରେଣୀ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଏହି ସ୍କୁଲରେ ୩୦୪ଜଣ ଛାତ୍ରୀଛାତ୍ର ପାଠପଢୁଛନ୍ତି। ବର୍ଷା ହେଲେ ବାରଣ୍ଡା ସହିତ ଅଧିକାଂଶ ଶ୍ରେଣୀ ଗୃହରେ ପାଣି ପଶୁଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ଜମିରହୁଛି। ଜମିରହୁ ଥିବା ପାଣି ମଧ୍ୟରେ ବାଧବାଧକତାରେ ପାଠପଢ଼ା ହେଉଛି। ଏପରିକି ମଧ୍ୟାହ୍ନ ଭୋଜନ ଖାଇବା, ପରଷିବା, ପରେ ପରିଷ୍କାର କରିବା କାଠିକର ପାଠ ହେଇପଡୁଛି। ଏ ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବେଳେ ଭିଜି ଥିବା ଛାତ୍ରୀଛାତ୍ର ଶିକ୍ଷାଦାନ ଗ୍ରହଣ ପାଇଁ ମଙ୍ଗୁ ନାହାନ୍ତି। ବାଧବାଧକତାରେ ଉଚ୍ଚ ଶ୍ରେଣୀରେ ଛାତ୍ରୀଛାତ୍ର ରହୁ ଥିବା ବେଳା ନିମ୍ନ ଶ୍ରେଣୀରେ ବସି ପଢିବା ସମ୍ଭବ ହେଉ ନାହିଁ। ତେଣୁ ଅଧିକାଂଶ ଅଭିଭାବକ ତାଙ୍କ ଛୁଆମାନଙ୍କୁ ଘରକୁ ନେଇ ଯିବାକୁ ଉଚିତ ମନେ କରୁଛନ୍ତି।



ସ୍କୁଲ ହତା ମଧ୍ୟରେ ଜମି ରହିଥିବା ବର୍ଷା ପାଣି।

## ସାପ୍ତାହିକ ହାଟରେ ଭାସିଲା ପରିବା

**ଏମ୍.ରାମପୁର,୧।୮(ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲା ଏମ. ରାମପୁରରେ ଚଳିତବର୍ଷ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ପରିମାଣ ଅତି କମ ଥିଲା। ସୋମବାରଠାରୁ ବର୍ଷା ପରିମାଣ ଆଶାତିତ ବୃଦ୍ଧି ହୋଇଛି। ଏମ. ରାମପୁର ସାପ୍ତାହିକ ହାଟ ତଥା ବସଷ୍ଟାଣ୍ଡ ପରିସରରେ କଂକ୍ରିଟ ରାସ୍ତା, ଡ୍ରେନ ନିର୍ମାଣଗତ ତ୍ରୁଟି, ନର୍ଦ୍ଦମା ପାଣି ଡ୍ରେନରେ ନ ଯାଇ ଉଛୁଳିବା ଯୋଗୁ ଅବ୍ୟବସ୍ଥା ବଢୁଛି। ଗ୍ରାମପଞ୍ଚାୟତ ଦୁରଦୃଷ୍ଟି, ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ଅଣଦେଖା ଯୋଗୁ ପରିସ୍ଥିତି ଅସମ୍ଭାଳ ହେଇଛି। ମଙ୍ଗଳବାର ସାପ୍ତାହିକ ହାଟରେ ୬ରୁ ୧୫ ଇଞ୍ଚ ପାଣି ପଶି କେତକ ପରିବା ବେପାରୀଙ୍କ ପନିପରିବା ଭସାଇ ନେଇଥିଲା। ସେମାନେ ଭଷା ପାଣିରୁ ପନୀପରିବା ଗୋଟାଉଥିବା ଦେଖିବାକୁ ମିଳିଥିଲା। ଏହା ଯୋଗୁ ମହଙ୍ଗା ଦର ପନିପରିବା ନଷ୍ଟ ହେଇଥିଲା। ନିୟମିତ ଡ୍ରେନ ସଫାଇ ନ କରିବା, ଗଡ଼ା ଖାଲ କରି ଡ୍ରେନ ନ ଖୋଳିବା, ଡ୍ରେନଠାରୁ ତଳକୁ କଂକ୍ରିଟ କରିବା ସମସ୍ୟା ସୃଷ୍ଟି କରିଛି। ଏ ନେଇ ସୁଶାନ୍ତ ମିଶ୍ର ଖୋଲାଖୋଲି ପ୍ରତିବାଦ କରିଛନ୍ତି।



## ଓସିଏସ୍ ପରୀକ୍ଷାରେ ପ୍ରଦ୍ୟୁମ୍ନଙ୍କ କୃତିତ୍ୱ



ବୌଦ୍ଧ,(ଅଜିତ କୁମାର ବାରିକ): ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ଏହି ପରୀକ୍ଷାରେ ବୌଦ୍ଧର ପ୍ରଦ୍ୟୁମ୍ନ ଦୀପ ୨୫୬ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି । ତାଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ନୂଆପଡା ଗ୍ରାମରେ । ସେ ହେଉଛନ୍ତି ଲକ୍ଷ୍ମୀଧର ଦୀପ ଓ ସଂଯୁକ୍ତା ଦୀପଙ୍କ ପୁଅ । ପ୍ରଦ୍ୟୁମ୍ନ ଜଣେ ମେଧାବୀ ଛାତ୍ର ଥିଲେ ।



**ସଂକ୍ଷେପରେ**

## ଓସିଏସ୍ ପରୀକ୍ଷାରେ ନିହାରିକାଙ୍କୁ ସଫଳତା

ସୋନପୁର,୧।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ସିଭିଲ ସର୍ଭିସ (ଓସିଏସ୍)ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରଙ୍ଗପୁର ଗ୍ରାମର ନିହାରିକା ଝାଙ୍କର କୃତିତ୍ୱ ଅର୍ଜନ



ନିହାରିକା ଝାଙ୍କର।

କରି ଅଞ୍ଚଳ ପାଇଁ ସୁନାମ ଆଣି ଦେଇଛନ୍ତି। ତରଭା ବ୍ଲକ ପୁଆ ପଞ୍ଚାୟତ ଅନ୍ତର୍ଗତ ନିପଟ ମଫସଲ ଗାଁ ରଙ୍ଗପୁରର ଝିଅ ନିହାରିକା ୨୭୯ ତମ ସ୍ଥାନ ଅଧିକାର କରିଛନ୍ତି। ନିହାରିକା ବର୍ତ୍ତମାନ ବଲାଙ୍ଗୀର ରାଇଟ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ସହକାରୀ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ମକୁନ୍ଦ ଝାଙ୍କର ଓ ନିରୁପମା ବାଘଙ୍କ ଝିଅ ନିହାରିକା ତରଭା ଜବାହର ନବୋଦୟ ବିଦ୍ୟାଳୟରେ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢିଥିଲେ। ପରେ ଆଇସିଆର ତରଫରୁ ଆନ୍ଧ୍ରପ୍ରଦେଶର ୱାଇଏସଆର ୟୁନିଭରସିଟିରୁ ଏଗ୍ରିକଲଚରରେ ଗ୍ରାଜୁଏସନ ଓ ପୋଷ୍ଟ ଗ୍ରାଜୁଏସନ(ପ୍ଲାଣ୍ଟ ପାଥୋଲୋଜି)କରିବା ପରେ ଓୟୁଏଟି ଭୁବନେଶ୍ୱରରେ ପିଜି କରିଥିଲେ। ତୃତୀୟ ଚେଷ୍ଟାରେ ଏହି ସଫଳତା ମିଳିଥିବାରୁ ବହୁତ ଖୁସି ଥିବା ନିହାରିକା କହିଛନ୍ତି। ଏହି ସଫଳତାର ଶ୍ରେୟ ସେ ଭଗବାନ ତଥା ମା',ବାପା ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ୟୁପିଏସସି ପରୀକ୍ଷା ଦେଇ ସଫଳତା ହାସଲ କରିବା ପରବର୍ତ୍ତୀ ଲକ୍ଷ୍ୟ ବୋଲି ନିହାରିକା କହିଛନ୍ତି।

## ଓସିଏସ୍ ପରୀକ୍ଷା: ଆଗାମୀ ଲକ୍ଷ୍ୟ ଆଇଏଏସ୍

■୪୬ ତମ ସ୍ଥାନରେ ତୁଳସୀ

ସୋନପୁର,୧।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୧ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ସହର ନୂଆପଡାର ତୁଳସୀ



ତୁଳସୀ ମେହେର।

ମେହେର ୪୬ ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ବୁଣାକାର ପରିବାରରେ ଜନ୍ମିତ ତୁଳସୀଙ୍କ ସଫଳତାରେ ସୁବର୍ଣ୍ଣପୁର ସହର ତଥା ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଅମ୍ବିକା ଓ ଖଡିଭୂଷଣ ମେହେରଙ୍କ ଏକମାତ୍ର ଝିଅ ତୁଳସୀ ଜଣେ ମେଧାବୀ ଛାତ୍ରୀ। ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀ ଯାଏ ଶିକ୍ଷାଲାଭ କରିଥିଲେ। ପରେ ବଲାଙ୍ଗୀର ଯୁବୋଦୟରେ ଯୁକ୍ତ ୨ ବିଜ୍ଞାନ, ନିଟ୍ ରାଉରକେଲାରେ କେମିକାଲ ଇଞ୍ଜିନିୟରିଂରେ ବିଟେକ୍ ହାସଲ କରିଥିଲେ। ସେ ଦିନକୁ ୬ ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ। ପ୍ରଥମ ପ୍ରୟାସରେ ହିଁ ସେ ଏହି ସଫଳତା ପାଇଛନ୍ତି। ଆଗକୁ ଆଇଏଏସ୍ ହେବା ପାଇଁ ତାଙ୍କର ଲକ୍ଷ୍ୟ ରହିଛି। ଏ ଦିଗରେ ସେ ଉଦ୍ୟମ କରିବେ ବୋଲି ତୁଳସୀ କହିଛନ୍ତି।

# ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ

ଅମରପାଲି,୧।୮(ପୀତାମ୍ବର ସାହୁ)





ଘୁଙ୍ଗିନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।

**ଲଗାଣ ବର୍ଷା ବିଭ୍ରାଟ**

■ଘୁଙ୍ଗିନାଳ ପୋଲ ଉପରେ ୫ ଫୁଟ ଉଚ୍ଚର ବନ୍ୟାପାଣି

■ଅସୁବିଧା ଭୋଗୁଛନ୍ତି ୩ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଗତ ତିନି ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ଘୁଙ୍ଗିନାଳ ପୋଲ ଉପରେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ବୀରମହାରାଜପୁର ଅମରପାଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।

ପ୍ରବଳ ବର୍ଷାରେ ଅଞ୍ଚଳର ଜଳାଶୟ ସବୁ ଫୁଲିଉଠିଛି। କେଉଁଠି ଚାଷୀ ଚାଷକାମକୁ ଆଗେଇ ନେଉଥିବା ବେଳେ ପ୍ରବଳ ବର୍ଷା ଯୋଗୁ ଅନେକ ସ୍ଥାନରେ ଚାଷକାମ ମଧ୍ୟ ହୋଇ ପାରୁନାହିଁ। ତୁହାକୁ ତୁହା ବର୍ଷା ଯୋଗୁ ଘୁଙ୍ଗିନାଳ, ହରିହର ଯୋର, ସୁରବାଲି ଯୋର, ବାଇଗଣି ଯୋରରେ ବନ୍ୟାଜଳ ପ୍ରବାହିତ ହେଉଛି। ଭୁଡିଆପାଲି ଓ ଲୁଡୁରପଙ୍କ ମଧ୍ୟ ଦେଇ ଯାଇଥିବା ଘୁଙ୍ଗିନାଳ ପୋଲ ଉପରେ ଦୁଇ ଦିନ ହେଲା ବନ୍ୟାଜଳ ପ୍ରବାହିତ ହେଉଛି। ମଙ୍ଗଳବାର ଦିନ ତମାମ ଉକ୍ତ ପୋଲ ଉପରେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାର ଦେଖିବାକୁ ମିଳିଥିଲା। ବୀରମହାରାଜପୁର ବ୍ଲକ ବହଳପଦର, ଦୁର୍ଜନତୈଳା, ଲୁଡୁରପଙ୍କ ଆଦି ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ବୀରମହାରାଜପୁରକୁ ଯାଇପାରୁନାହାନ୍ତି। ବୀରମହାରାଜପୁର, ଭୁଡୁଆପାଲି କଲେଜକୁ ଛାତ୍ରୀଛାତ୍ର ପାଠ ପଢିବାକୁ ଯାଇପାରୁନାହାନ୍ତି। ଏହି ରାସ୍ତା ଦେଇ ବୀରମହାରାଜପୁର ଓ ସୁବର୍ଣ୍ଣପୁରରୁ ରେଢାଖୋଲ, ସମ୍ବଲପୁର, ଯୁଯୁମୁରା, ଚାରମାଳ ଅଞ୍ଚଳକୁ ବସ୍ ଚଳାଚଳ ବନ୍ଦ ରହିଛି। ବିଶେଷ କରି ଜିଲାର ଅନ୍ୟତମ ପ୍ରମୁଖ ରାସ୍ତା ବୀରମହାରାଜପୁର-ଅମରପାଲି ପୁରା ଠପ୍ ହୋଇପଡିଛି। ପ୍ରଥମ ଲଗାଣ ବର୍ଷାରେ ଉକ୍ତ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହୋଇ ଅମରପାଲି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ରହିଥିଲା। ଉକ୍ତ ପୋଲକୁ ଉଚ୍ଚ କରିବାକୁ ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମଳିନାହିଁ। ଏହି ପୋଲ କାମ ପାଇଁ ଟଙ୍କା ମଞ୍ଜୁର ହୋଇଥିଲ। କାମ ମଧ୍ୟ ଆରମ୍ଭ ହୋଇଥିଲା। ମାତ୍ର ଜମି ଅଧିଗ୍ରହଣ ହୋଇ ନ ଥିବାରୁ କାମ ଅଧାରେ ବନ୍ଦ ହୋଇଗଲା। କାମ ଛାଡ଼ି ଠିକା ସଂସ୍ଥା ବି ଫେରାର ହୋଇଗଲା। ପିଲାର ପାଇଁ ଗାତ ଖୋଳି ମାଟି ସବୁ ନାଳ ମଧ୍ୟରେ ପୋତି ଦେଇଥିବାରୁ ଏବେ ବନ୍ୟାଜଳ ପୋଲ ଦେଇ ଯାଇ ପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏଥିଯୋଗୁ ଅଞ୍ଚଳବାସୀ ଅସୁବିଧା ଭୋଗୁଥିଲେ ମଧ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି। ବୀରମହାରାଜପୁର ବ୍ଲକର ୩ ପଞ୍ଚାୟତ ସମେତ ରେଢାଖୋଲ ବ୍ଲକର ରେଙ୍ଗାଲି, ଭଳିଆକଟା, ବଡ଼ମାଳ, ଗରଗଡବହାଲ, ମୋଚିବହାଲ ଆଦି ପଞ୍ଚାୟତର ଲୋକେ ଯାତାୟତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

## ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଅମରପାଲି,୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର କାର୍ଯ୍ୟାଳୟ ଠାରେ ସ୍ଥାନୀୟ ସପ୍ତଦୀପା ସାହିତ୍ୟ ସଂସଦର ୧୧୧ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଦ୍ୱୀତିକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଓ ସାହିତ୍ୟକଙ୍କ ଲେଖନୀ ନିସୃତ ସାହିତ୍ୟ ସମାଜରେ ବିପ୍ଳବ ସୃଷ୍ଟି କରିପାରେ ବୋଲି କହିଥିଲେ। ଶିକ୍ଷକ ହରିହର ସିଂହବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଜଳଦେବ ବେରିହା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କବି ବଳରାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବି ଯୁଧିଷ୍ଠିର ଖମାରୀ ଓ ସନ୍ତୋଷିନୀ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର ହୋତା, ଶ୍ୟାମଗୋପାଳ ହୋତା, ପ୍ରହ୍ଲାଦ ନାଏକ, ରାଧେଶ୍ୟାମ ପଣ୍ଡା, ବଳରାମ ଦାସ, ଜେ.ବେରିହା, ସନ୍ତୋଷ ଅଦାବର, ହରିହର ସିଂହବାବୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶୁଭ୍ରାଂଶୁ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ଜିଲାରେ ସମ୍ବଲପୁରୀ ଦିନ୍ ପାଳିତ

ବୌଦ୍ଧ,୧।୮(ଅଜିତ କୁମାର ବାରିକ)



ସମ୍ବଲପୁରୀ ଦିନ୍‌ରେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୌଦ୍ଧ ଜିଲାରେ ମଙ୍ଗଳବାର ସମ୍ବଲପୁରୀ ଦିନ୍ ଧୂମଧାମରେ ପାଳିତ ହୋଇଯାଇଛି। ଟାଉନହଲସ୍ଥିତ ଗୁରୁ ଭିକାରୀ ନାୟକ କଳାମଣ୍ଡପଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଥିଲା। ଜିଲା ସଂଯୋଜକ ଦେବାଶିଷ ପୁରୋହିତ, ସଭାପତି ବିଶ୍ୱଜିତ୍ ସାହୁ, ପୋଗ୍ରାମ କୋଡିନେଟର ସୀତାକାନ୍ତ ସିଂ, ସଂପାଦକ ତ୍ରିଶୂଳ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ସିନେ ନିର୍ଦ୍ଦେଶକ ମନୋଜ ମିଶ୍ର, ପଶ୍ଚିମ ଓଡିଶାର ଜଣାଶୁଣା ହାସ୍ୟ ଅଭିନେତା ଜୋଜୋ, କଳାକାର ଚିନ୍ମୟ ମିଶ୍ର, ନିର୍ଦ୍ଦେଶକ ବନମାଳୀ ରଣା, ଅଭିନେତ୍ରୀ ମମତା ନନ୍ଦ ଯୋଗଦେଇ ଦର୍ଶକଙ୍କୁ ନିଜର କଳା ପ୍ରଦର୍ଶନ କରିଥିଲେ। ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଢୋଲ ନିଶାନର ତାଳେ ତାଳେ ନାଚି ଉଠିଥିଲେ। ବହୁସଂଖ୍ୟକ ଅତିଥି, କଳାକାର. କବି, କଣ୍ଠଶିଳ୍ପୀ ଓ ଜିଲାର ଜନସାଧାରଣ ସମ୍ବଲପୁରୀ ବସ୍ତ୍ର ପରିଧାନ କରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ତହସିଲଦାର ପ୍ରୀତିବାଳା ରଣା, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ଯୋଗଦେଇ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଗୋପାଳକୃଷ୍ଣ ବେହେରା, ପ୍ରେମଜିତ ଝାଙ୍କର, ମାନସ ମିଶ୍ର, ଫକିର, ଟ୍ୱିଙ୍କିଲ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତ କଳାକାରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ଜାତୀୟ ରାଜପଥ ଉପରେ ୫ ଫୁଟର ବର୍ଷା ପାଣି

**ଗାଡ଼ି ଚଳାଚଳ ବ୍ୟାହତ**

ବୌଦ୍ଧ,୧।୮(ଅଜିତ କୁମାର ବାରିକ)

ଲଗାଣ ବର୍ଷା ଫଳରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଗାନ୍ଧୀ ଗ୍ରାମ ନିକଟ ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପରେ ମଙ୍ଗଳବାର ସନ୍ଧ୍ୟାରେ ୫ ଫୁଟ ଉଚ୍ଚର ବର୍ଷା ଜଳ ପ୍ରବାହିତ ହୋଇଥିଲା। ଫଳରେ ବୌଦ୍ଧରୁ ଚାରିଛକ, ଭୁବନେଶ୍ୱର, ଫୁଲବାଣୀ ଆଦି ଅଞ୍ଚଳକୁ ଯାତାୟାତ ବ୍ୟାହତ ହୋଇଥିଲା। ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ଗାନ୍ଧୀ ଗ୍ରାମ ନିକଟରେ ଥିବା ପୋଲ ଦେଇ ବର୍ଷାଜଳ ନିଷ୍କାସନ ହୋଇ ପାରୁନାହିଁ। ଖୋର୍ଦ୍ଧା ବୌଦ୍ଧ ରେଳପଥ ନିର୍ମାଣ ଚାଲିଥିବା ବେଳେ ଅନେକ ସ୍ଥାନରେ ବର୍ଷାଜଳ ନିଷ୍କାସନ ପଥ ବନ୍ଦ ହୋଇପଡିଛି। ୫୭ ନମ୍ବର ଜାତୀୟ ରାଜପଥ ଉପରେ ୫ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା। ଦୀର୍ଘ ୨ ଘଣ୍ଟା ପରେ ପାଣି କମିବାରୁ ଗାଡ଼ି ଚଳାଚଳ କରିଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ଆଖପାଖ ଘରଗୁଡିକରେ ବର୍ଷା ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଘଟଣାସ୍ଥଳରେ ହରଭଙ୍ଗ। ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ ପହଞ୍ଚି ଅନୁଧ୍ୟାନ କରିଛନ୍ତି।



ଗାନ୍ଧୀଗ୍ରାମ ନିକଟରେ ଜାତୀୟ ରାଜପଥ ଉପରେ ୫ ଫୁଟ ଉଚ୍ଚର ବର୍ଷା ଜଳ ପ୍ରବାହିତ ହେଉଛି।

## ଡୁଙ୍ଗୁରିପାଲି କଲେଜରେ ପ୍ରବେଶ ଉତ୍ସବ



କଲେଜରେ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଡୁଙ୍ଗୁରିପାଲି,୧।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜର ସେମିନାର ହଲଠାରେ ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ବିଶ୍ୱାଳ ଅନୁଷ୍ଠାନର ସଂକ୍ଷିପ୍ତ ବିବରଣୀ ପ୍ରଦାନ ସହିତ ଆଣ୍ଟି ର୍‍ୟାଗିଂ ଓ କଲେଜର ନୀତିନିୟମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଶୈଳେଶ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ବିଜୟାନନ୍ଦ ଦାଶ ପାଠ୍ୟ ଖସଡା, ପରୀକ୍ଷା ପ୍ରଣାଳୀ ଓ ପ୍ରଶ୍ନପତ୍ରର ମାର୍କ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ସରୋଜ କୁମାର ଦାଶ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହୋଇ ସମାଜର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ପ୍ରଥମବର୍ଷର ଛାତ୍ରୀଛାତ୍ରମାନେ ନିଜସ୍ୱ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପିକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଖଗେଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶର ବିକାଶରେ ସହାୟକ ହେବାକୁ ପରାମର୍ଶ





ପ୍ରବେଶ ଉତ୍ସବ ଅବସରରେ ଅତିଥି ଓ ଅନ୍ୟମାନେ।

**ବ୍ରାହ୍ମଣପାଲି ହାଇସ୍କୁଲର ପ୍ରବେଶ ଉତ୍ସବ**

ବଘିଆପଡା,୧।୮(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ସଦର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପାଲି ସରକାରୀ ହାଇସ୍କୁଲରେ ମଙ୍ଗଳବାର ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ରାଜ୍ୟ ସରକାର ବ୍ରାହ୍ମଣପାଲି ସରକାରୀ ହାଇସ୍କୁଲରେ ଚଳିତବର୍ଷ ଯୁକ୍ତ ଦୁଇ ଶ୍ରେଣୀ ଆରମ୍ଭ କରିଛନ୍ତି। ଏହି ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରବେଶ ଉତ୍ସବରେ ସ୍ୱାଗତ କରାଯାଇଥିଲା। ଭଲ ଭାବେ ପାଠ ପଢି ନିଜ ଭବିଷ୍ୟତକୁ ସଠିକ୍ ଭାବରେ ଗଠନ କରିବା ସହିତ ଦେଶର ବିକାଶରେ ସହାୟକ ହେବାକୁ ମନ୍ତ୍ରୀ ଅମାତ୍ ନିଜ ଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାକୁଡ଼, ସରପଞ୍ଚ ଅରୁଣ ବାଘ, ପ୍ରେମାନନ୍ଦ ବାଘ, ଉର୍ମିଳା ଝାଙ୍କର, ସୁମନ୍ତ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଜ୍ଞାନବିଜ୍ଞାନ ମେଳା

ଡୁଙ୍ଗୁରିପାଲି ,୧।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ରେ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ମେହେର, ବିଜିତାଶ ପଧାନ ଓ ମୀନକେତନ ଖମାରୀ ଅତିଥି ଭାବେ ଯୋଗଦେଇ ଶିଶମାନଙ୍କୁ ବିଜ୍ଞାନର



ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମେଳାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଯଥା ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ପତ୍ର ବାଚନ, ଆଶୁଭାଷଣ, ନିବନ୍ଧ ଲିଖନ, ମୂର୍ତ୍ତି କଳା ଆଦିରେ ମୋଟ ୪୨୪ ଜଣ ଶିଶୁ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନା କମିଟି ସଦସ୍ୟ, ଗୁରୁମା ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ।

# ଭାଷା ସଂସ୍କୃତିର ସୁରକ୍ଷା ପାଇଁ ନିର୍ଣ୍ଣାୟକ ଲଢ଼େଇ ଆବଶ୍ୟକ

ସୋନପୁର,୧।୮(ନି.ପ୍ର.)



ସତ୍ୟନାରାୟଣ ବହିଦାରଙ୍କ ନାତୁଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସୁବର୍ଣ୍ଣପୁର ସହର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସଭାଗୃହରେ କବି ସତ୍ୟନାରାୟଣ ବହିଦାରଙ୍କ ୧୧୦ତମ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ, ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ଓ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ମିଳିତ ଉଦ୍ୟମରେ ଜୟନ୍ତୀ ପାଳନ ହୋଇଥିଲା। ଅନୁଷ୍ଠିତ ସଭାରେ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରି କବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। କୋସଲି/ସମ୍ବଲପୁରୀ ଭାଷା ସଂସ୍କୃତି ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଭାଷା ଓ ସଂସ୍କୃତି। ଓଡିଶା ତଥା ଓଡିଶାର ଉପାନ୍ତ ଅଞ୍ଚଳରେ ଏହି ଭାଷା ସଂସ୍କୃତି ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ଅଧିକ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ଯୋଗଦାନ କରି କୋସଲି ଭାଷା ସଂସ୍କୃତି ଓଡିଆ ଭାଷା ସଂସ୍କୃତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ପ୍ରାଚୀନ ବୋଲି ଗବେଷକମାନଙ୍କ ସ୍ପଷ୍ଟ ମତ ବୋଲି କହିଥିଲେ। ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା ସକାଶେ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ୨୦୧୪ ମସିହାରୁ ପଡି ରହିଛି। ଏଭଳି ସ୍ଥିତିରେ ପଶ୍ଚିମ ଓଡିଶାର ଶିଶୁମାନେ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ। ତେଣୁ ଭାଷା ସଂସ୍କୃତିର ସୁରକ୍ଷା ପାଇଁ ଅଞ୍ଚଳବାସୀ ନିର୍ଣ୍ଣାୟକ ଲଢେଇ କରିବା ଆବଶ୍ୟକ ବୋଲି ଡ. ବହିଦାର କହିଥିଲେ। କବି ଆର୍ତ୍ତତ୍ରାଣ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ସଂସ୍କୃତି ସୁରକ୍ଷା ଦିଗରେ ଲଢେଇ ପାଇଁ ବୁଦ୍ଧିଜୀବୀ, ରାଜନେତା ଓ ସାଧାରଣ ଜନତା ଏକଜୁଟ୍ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ପ୍ରାଧାପିକା ମୀନା ମହାରଣା ସ୍ୱର୍ଗତ କବିଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଦିଲୀପ କୁମାର ରଥ, ନରେନ୍ଦ୍ର କୁମାର ମିଶ୍ର, ଭଗବତୀ ରାୟଗୁରୁ, ଇନ୍ଦୁମତୀ ପୁରୋହିତ, ସୁନନ୍ଦା ସାହୁ ଓ ଶ୍ରଦ୍ଧାଞ୍ଜଳୀ ମିଶ୍ର ବକ୍ତବ୍ୟରେ ସମସ୍ତେ ଏକଜୁଟ୍ ହୋଇ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାତୁଣୀ ଗୀତାଞ୍ଜଳି ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସମ୍ପାଦିକା ମଞ୍ଜୁଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକନୃତ୍ୟ, ସଙ୍ଗୀତରେ ଦୁଲୁକିଲା ମଞ୍ଚ

ସୋନପୁର,୧।୮(ମୃତ୍ୟୁଞ୍ଜୟ ଶତପଥୀ)





ଜିଲାପାଳ ଓ ଏସ୍‌ପି କଳାକାରଙ୍କ ସହିତ ମିଶି ନାଚୁଛନ୍ତି।

**ସୁବର୍ଣ୍ଣପୁରରେ ପାଳନ ହେଲା ସମ୍ବଲପୁରୀ ଦିନ୍**

ସୁବର୍ଣ୍ଣପୁରରେ ମଙ୍ଗଳବାର ଧୁମ୍‌ଧାମ୍‌ରେ ପାଳିତ ହୋଇଛି ସମ୍ବଲପୁରୀ ଦିନ୍। ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଜୟନ୍ତୀକୁ ସମ୍ବଲପୁରୀ ଦିନ୍ ଭାବେ ତାଙ୍କ ଜନ୍ମସ୍ଥାନ ସୁବର୍ଣ୍ଣପୁରରେ ପାଳନ କରାଯାଇଥିଲା। ରୁମୁକୁଝୁମାନା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚନ୍ଦ୍ରିକା ସେବା ଟ୍ରଷ୍ଟ, ପଶ୍ଚିମ ଓଡିଶା ଯୁବା ମଞ୍ଚ ଓ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସହଯୋଗ କରିଥିଲେ। ସମ୍ବଲପୁରୀ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଗୁରୁ ସତ୍ୟନାରାୟଣ ଚେଷ୍ଟା କରିଥିଲେ। ତେଣୁ ତାଙ୍କୁ ମନେ ରଖିବା ପାଇଁ ଏହି ଦିବସକୁ ସୋନପୁର ବ୍ଲକ ଛକଠାରେ ପାଳନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସାମାଜିକ କର୍ମୀ ଆକାଶ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ରୀୟ ହୋତା, ନୃତ୍ୟଶିଳ୍ପୀ ଶୃତିଶିଖା ମହାପାତ୍ର, ଦଣ୍ଡନୃତ୍ୟ ଗୁରୁ ରସିକ ସାହୁ, ଚୌଧୁରୀ ବିଭାର ଓ ଶାଶ୍ୱତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୁରୁ ସତ୍ୟନାରାୟଣଙ୍କ ସ୍ମୃତିଚାରଣ କରିଥିଲେ। କଳାକାରଙ୍କ ଲୋକନୃତ୍ୟ ଓ ସଙ୍ଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ଜିଲାପାଳ ରାୟ ଓ ଏସ୍‌ପି ପଣ୍ଡା କଳାକାରଙ୍କ ସହିତ ବର୍ଷାରେ ଭିଜି ଲୋକନୃତ୍ୟର ତାଳେ ତାଳେ ନାଚିଥିଲେ। ଏହା ବେଶ ଆକର୍ଷଣୀୟ ହୋଇଥିଲା। ଚୁମ୍‌କି ପାଢୀ, ଦୀନେଶ ଜଗତ, ପୀତବାସ ଶତପଥୀ ଓ ଡ. ପ୍ରତ୍ୟୁଷ ବାଗ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ତୋଷ ମିଶ୍ର, ଭାଗିରଥୀ ମିଶ୍ର, ବଷ୍ଟୁ ଅଗ୍ରୱାଲ, ପିଣ୍ଟୁ ରଥ, ଜନାର୍ଦ୍ଦନ ଖମାରୀ ଓ ଦେବାଶିଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ସମ୍ବଲପୁରୀ ଦିନ୍

ବ୍ରଜରାଜନଗର,୧।୮ (ବିଜୟ ବରାଡ)

ବ୍ରଜରାଜନଗର ହିଲ୍‌ଟପ କଲୋନୀ ଶିବ ମନ୍ଦିର ପରିସରରେ ମଙ୍ଗଳବାର ପତଞ୍ଜଳି ଯୋଗସମିତି ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏଥିରେ ଡା. ଏଲ୍. ଚୈତନ୍ୟ ମୁଖ୍ୟଅତିଥି ଓ ହରିସ ୱାଧବା, ବନନ ସିଂ, ପ୍ରଶାନ୍ତ ପ୍ରଧାନ, ଯୁବରାଜ ସାହୁ, ଜୟଶ୍ରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସମ୍ବଲପୁରୀ ଦିନ୍ ପାଳନର ଆଭିମୁଖ୍ୟ ଉପରେ କହିଥିଲେ। ଏହି ଅବସରରେ ମୁସ୍କାନ ଗୁପ୍ତା ଓ ସୁଷମା ମହାପାତ୍ରଙ୍କୁ ଯୋଗ ରତ୍ନ ଭାବେ ସମ୍ମାନିତ କରାଯାଇଥିଲା। ସମ୍ବଲପୁରୀ ଦିନ୍ ପାଳନ ଅବସରରେ ମହିଳା ଓ ପୁରୁଷ ସମ୍ବଲପୁରୀ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ବବନ ସିଂ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀକାନ୍ତ ମହାପାତ୍ର, ମମତା ପଟେଲ, ଚିତ୍ତ ସାହୁ, ଅଶୋକ ବାରିକ, କରମୁଲାଲ କୁର୍ମୀ ସହଯୋଗ କରିଥିଲେ।

### ଶିବିରରେ ୧୨୬ ଅଭିଯୋଗ ପଞ୍ଜୀକୃତ

ନାକଟିଦେଉଳ,୧।୮ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୨୦ଟି ବ୍ୟକ୍ତିଗତ ଓ ୬ଟି ଗୋଷ୍ଠୀଗତ ରହିଥିଲା। ବ୍ଲକ ଅର୍ନ୍ତଗତ ୧୪ ପଞ୍ଚାୟତର ଲୋକେ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ କରିଥିଲେ। ତେବେ ଆବାସ ଯୋଜନାରେ ଘର, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ଼ ପ୍ରଦାନ ସମ୍ପର୍କରେ ସର୍ବାଧିକ ଅଭିଯୋଗ ଦାଖଲ ହୋଇଥିଲା। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଭିଯୋଗର ଶୁଣାଣି କରି ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ଅତିରିକ୍ତ ଏସ୍‌ପି ଆଲବିନୁସ କେର୍କେଟା, ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ତହସିଲଦାର ଅମର କୁମାର ଡୁଙ୍ଗଡୁଙ୍ଗ, ସିଡ଼ିଏମ୍‌ଓ ଡ଼ା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟର ସହାୟତା

ସମ୍ବଲପୁର,୧।୮ (ଶୁଭାଶିଷ ପାଢ଼ୀ)

ବରଗଡ ଜିଲା ଭେଡେନ ବ୍ଲକ କଦଲିପାଲି ଗ୍ରାମର ସ୍ୱସ୍ତିକ ବେହେରାଙ୍କୁ ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜରେ ନାମଲେଖା ସକାଶେ ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ମଙ୍ଗଳବାର ଟ୍ରଷ୍ଟ ସଂସ୍ଥାପିକା ଡା. ପାଣିଗ୍ରାହୀଙ୍କ ଉପସ୍ଥିତିରେ ସଭ୍ୟ ସୁଧୀର ପୂଜାରୀ ସହାୟତା ବାବଦ ଚେକ୍ ସ୍ୱସ୍ତିକଙ୍କୁ ପ୍ରଦାନ କରିଥିଲେ। ଟ୍ରଷ୍ଟ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ ଓ ଶିବ ନନ୍ଦ ଉପସ୍ଥିତ ଥିଲେ। ସ୍ୱସ୍ତିକଙ୍କ ବାପା ପୁରୁଷୋତ୍ତମ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ରୋଷେୟା ଭାବେ କାମ କରୁଥିବା ବେଳେ ସ୍ୱସ୍ତିକ ନିଜ ଅଧ୍ୟବସାୟ ବଳରେ ଡାକ୍ତରୀ ପଢିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନ ପଢା ସାରିବା ପରେ ସେ ଅନ୍‌ଲାଇନରେ ନିଟ୍ ପରୀକ୍ଷା ସକାଶେ ପ୍ରସ୍ତୁତି କରୁଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୧।୮ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସଞ୍ଜୀବ ଦାସ, ଡ. ପ୍ରଶାନ୍ତ କୁମାର ଦାଶ, ଡ. ସରସୀ ରାଣୀ ନାୟକ, ବିଦାୟୀ ଅଧ୍ୟକ୍ଷ ତଥା କାର୍ଯ୍ୟାଳୟ ସହାୟକଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସରୋଜ କୁମାର ଭୁଏ ଧନ୍ୟବାଦ ଦେଇଥିଲେ।

## ସମ୍ବଲପୁରୀ ଦିନ୍

# ମତୁଆଲା ହେଲେ ଦର୍ଶକ

ସମ୍ବଲପୁର,୧।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁରରେ ମଙ୍ଗଳବାର ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି। ସମ୍ବଲପୁରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଦେଶ ବାହାରେ ପାଳନ ହେଉଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ସମ୍ବଲପୁର ଏକତା ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହେଲେ ଶେଷ ସମୟରେ ଲଗାଣ ବର୍ଷା ସବୁ ଉତ୍ସାହ ବିଗାଡି ଦେଇଥିଲା। ଆଶାଠାରୁ କଳାପ୍ରେମୀ ଦର୍ଶକ କମି ଯାଇଥିଲେ। ତଥାପି ବର୍ଷାକୁ ଖାତିର ନ କରି ଲୋକେ ଭିଡ ଜମାଇଥିଲେ। ସମ୍ବଲପୁରୀ ନାଚ, ଗୀତ ସହ ସୁଆଦିଆ ଖାଦ୍ୟ ପସରା ଲୋକଙ୍କୁ ମତୁଆଲା କରିଥିଲା।

ହୀରାଖଣ୍ଡ ସାମ୍ମୁଖ୍ୟ ଓ ସଣ୍ଡେ ଗ୍ରୁପର ମିଳିତ ଆୟୋଜନ କ୍ରମେ ପୂର୍ବାହ୍ନରେ ରାମଜୀ ଗୁଡିସ୍ଥିତ ବହିଦାରଙ୍କ ବାସଗୃହ 'ନିକ ଅପା ଘର'ର ଭଗ୍ନାବଶେଷ ସମ୍ମୁଖରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ କରାଯାଇଛି। ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱ ତଥା ସତ୍ୟ ନାରାୟଣ ଠାକୁରଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ କୁଲତା ସମାଜର ସଭାନେତ୍ରୀ ଯଶୋବନ୍ତୀ ନାୟକ, ସାମ୍ମୁଖ୍ୟର ଉପସଭାପତି ଦୀପକ କୁମାର ପଣ୍ଡା, ଗୋପୀନାଥ ଷଡଙ୍ଗୀ, ହରିଶଙ୍କର ବଡପଣ୍ଡା, ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପାଢଯୋଶୀ, ଶିବ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟ, ସଂସ୍କୃତିର ଜାଗରଣ ନିମନ୍ତେ ସତ୍ୟ ନାରାୟଣ ବହିଦାର ଯେଉଁ ଦୀପ ପ୍ରଜ୍ୱଳନ କରିଥିଲେ ତାହା ଏବେ ବୃହତ୍ ଆଲୋକବର୍ତିକା ସାଜି ଦେଶବିଦେଶରେ ବାସ କରୁଥିବା ସମ୍ବଲପୁରୀଆଙ୍କୁ ଆଲୋକ ଦେଖାଉଛି ବୋଲି ଅତିଥିମାନେ କହିଥିଲେ।



ସମ୍ବଲପୁର ଏକତା ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

### ସମ୍ବଲପୁରୀ ଦିବସର ଇତିହାସ

୨୦୧୩ ମସିହାରୁ ଅଗଷ୍ଟ ପହିଲାକୁ ସମ୍ବଲପୁରୀ ଦିବସ ବା ସ୍ଥାନୀୟ ଭାଷାରେ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରାଯାଇ ଆସୁଛି। ସମ୍ବଲପୁରୀ ଭାଷା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବିଶିଷ୍ଟ କବି ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ୨୦୧୩ରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଏହି ଦିବସ ପାଳନ ହୋଇଥିଲା। ବର୍ତ୍ତମାନ ଏହି ଦିବସ ସାରା ଦେଶରେ ପାଳନ କରାଯାଉଛି । ସମ୍ବଲପୁରୀ ପୋଷାକ ଏବେ ଏକ ବ୍ରାଣ୍ଡରେ ପରିଣତ ହୋଇଛି। ଯୁବକଙ୍କଠୁ ବୟସ୍କ ଓ ମହିଳା ସମସ୍ତ ବର୍ଗଙ୍କ ମଧ୍ୟରେ ଏହାର ଚାହିଦା ଓ ଆଦୃତି ରହିଛି।

## କୁଚିଣ୍ଡା କଲେଜରେ ସମ୍ବଲପୁରୀ ଦିନ୍

କୁଚିଣ୍ଡା,୧।୮ (ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା କଲେଜ ସାଂସ୍କୃତିକ ପରିଷଦ, କୁଚିଣ୍ଡା ଆଶୀର୍ବାଦ ଷ୍ଟୁଡିଓ ଏବଂ କୁଚିଣ୍ଡା ରଙ୍ଗବତୀ ସାଂସ୍କୃତିକ ପରିଷଦ (ବାମଣ୍ଡା)ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର କୁଚିଣ୍ଡା କଲେଜରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବାବୁନି ମହାନ୍ତି ଓ ମଳୟ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟଅତିଥି, ଏସ୍‌ଡିପିଓ ଅମିତାଭ ପଣ୍ଡା, ପୂର୍ବତନ ଏସ୍‌ଡିପିଓ ରାଜ କିଶୋର ମିଶ୍ର, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, କଳାକାର ସୁରଥ ଚନ୍ଦ୍ର ନାୟକ, ପ୍ରାଧ୍ୟାପକ ଅମିୟ ପାତ୍ର, ଜମନକିରା ଆଇଆଇସି ସୁଶାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମ୍ବଲପୁରୀ ଭାଷା ପ୍ରତି ଅବଦାନ ସହ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ କଳାକାରମାନେ ସମ୍ବଲପୁରୀ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଝାରସୁଗୁଡ଼ାରେ ସମ୍ବଲପୁରୀ ଦିନ୍

ସମ୍ବଲପୁର,୧।୮ (ଶୁଭାଶିଷ ପାଢ଼ୀ)

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିବସ ଅବସରରେ ପାଳିତ 'ସମ୍ବଲପୁରୀ ଦିନ' କାର୍ଯ୍ୟକ୍ରମ ଝାରସୁଗୁଡ଼ା ସଂସ୍କୃତି ଭବନ ସଭାଗୃହରେ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥିଲା। ଅତିଥିମାନେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସମ୍ବଲପୁରୀ ଭାଷା ସାହିତ୍ୟ ସାହିତ୍ୟ ଓ ସଂସ୍କୃତି ର ମହନୀୟତା ସମ୍ପର୍କରେ ବ୍ୟକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ପଦ୍ମଶ୍ରୀ ମିତ୍ର ଭାନୁ ଗୌନ୍ତିଆ ସମ୍ବଲପୁରୀ ଏମିତି ଏକ ଭାଷା ଯାହା ସମସ୍ତଙ୍କୁ ବାନ୍ଧି ରଖିପାରେ ବୋଲି କହିଥିଲେ। ମୁଖ୍ୟ ଅତିଥି ବିକାଶ ଚନ୍ଦ୍ର ସ୍ୱାଇଁ ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ପ୍ରାସାର ଦିଗରେ ଗୁରୁ ବହିଦାରଙ୍କ ଅବଦାନର ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ଅତିଥି ଟଙ୍କଧର ତ୍ରିପାଠୀ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏଲ୍‌ଏନ୍ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁଅଁର, ମନୋରଞ୍ଜନ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ମେହବୁବ ମହତାବ, ମାନସୀ ପଣ୍ଡା ପ୍ରମୁଖ ଓଡ଼ିଶାକୁ ସମ୍ବଲପୁରର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଏଏସ୍ ରାକେଶ କୁମାର ସାହୁ, ସାମାଜିକ କର୍ମୀ ପୁରୁଷୋତ୍ତମ ଟିବ୍ରେୱାଲ, ସାମ୍ବାଦିକ ସନ୍ତୋଷ ମହାପାତ୍ର, ତପସ୍ୱିଲାଲ ତିୱାରି, ଯୋଗ ଗୁରୁ ବର୍ମାଜୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ନିରଞ୍ଜନ ମାଳି ଧନ୍ୟବାଦ ଅର୍ପଣ କରିଥିଲେ।


ଝାରସୁଗୁଡାରେ ସମ୍ବଲପୁରୀ ଦିନରେ ଅତିଥିମାନେ।

## କଲେଜରେ ପ୍ରବେଶ ଉତ୍ସବ ଓ ସମ୍ବଲପୁରୀ ଦିବସ

କୁଚିଣ୍ଡା,୧।୮ (ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ଦୁଇ କଲେଜରେ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଉପସ୍ଥିତ ଅତିଥିଗଣ ମା' ସମଲେଇ ଓ ଗୁରୁ ସତ୍ୟନାରାରଣ ବହିଦାରଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଯୁକ୍ତଦୁଇ ଦ୍ୱିତୀୟବର୍ଷ ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ ଜଣାଇଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଭାଷା ଉପରେ ଗୁରୁ ସତ୍ୟନାରାରଣ ବହିଦାର ଅବଦାନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତି ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର, ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ସତ୍ୟନାରାୟଣ ପଟେଲ, ସୁଧିର ନାୟକ, ଅଧ୍ୟାପିକା ଭାବନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରବେଶ ଉତ୍ସବର ମହତ୍ତ୍ୱ ଓ କଲେଜ ଶୃଙ୍ଖଳା ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଯୁଯୁମୁରାରେ ସାମାଜିକ ସମୀକ୍ଷା ଜନଶୁଣାଣି


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ସମ୍ବଲପୁର, ୧।୮ (ଶୁଭାଶିଷ ପାଢୀ)

ପ୍ରତିବର୍ଷ ହାତକୁ ନିଆଯାଉଥିବା ପ୍ରକଳ୍ପ କାମ ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ କର। ଯେଭଳି ଅଧିକ ଶ୍ରମଦିବସ ସୃଷ୍ଟି ହେବ ସେ ନେଇ ମିଳିତ ପ୍ରୟାସ କରିବାକୁ ସୋମବାର ଯୁଯୁମୁରା ବ୍ଲକ ସଭାଗୃହରେ ଆୟୋଜିତ ସମାଜିକ ସମୀକ୍ଷା ଜନଶୁଣାଣିରେ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ ଅଧ୍ୟକ୍ଷତା କରିଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ବ୍ରଜେନ୍ଦ୍ର ପଣ୍ଡା, ଆର୍ତ୍ତତ୍ରାଣ ଶତପଥି, ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଉପାଧ୍ୟକ୍ଷା ମନ୍ଦାକିନି ବିଶ୍ୱାଳ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଭ୍ୟ ଉପସ୍ଥିତ ରହିଥିଲେ। ବ୍ଲକରେ ଆର୍ଥିକବର୍ଷ ୨୦୨୨-୨୩ରେ ମୋଟ ୩୧୦୬ ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୧୨୭୯ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବାକି ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା। ଅନ୍ୟପଟେ ୮୩୫୨ ପରିବାରରେ ୩ ଲକ୍ଷ ୫୪ ହଜାର ୯୪୯ ଶ୍ରମ ଦିବସ ସୃଷ୍ଟି ହୋଇଛି। ଶ୍ରମ ଦିବସ ବାବଦକୁ ୭ କୋଟି ୭୯ ଲକ୍ଷ ୩ ହଜାର ଓ ସାମଗ୍ରୀ ବାବଦକୁ ୪ କୋଟି ୭୧ ହଜାର ୮୫ ହଜାର ମୋଟ ୧୨ କୋଟି ୭୫ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଶିବିରରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଜନାରେ ଦେଖାଦେଉଥିବା ସମସ୍ୟା ଓ ଅନ୍‌ଲାଇନ ମନିଟରିଂ ସିଷ୍ଟମରେ ହେଉଥିବା ତ୍ରୁଟି ଉପରେ ଅଭିଯୋଗ କରିଥିଲେ। ଏପିଓ ବିଶ୍ୱରଞ୍ଜନ ପ୍ରଧାନ ଶିବିର ପରିଚାଳନା କରିଥିବା ବେଳେ ଜିପିଓ ଲାମମୋହନ ବୁଡେକ ଧନ୍ୟବାଦ ଦେଇଥିଲେ।

## ଗାଁରେ ପିଡ଼ିଏସ୍ ସାମଗ୍ରୀ ଦେବା ନେଇ ଜିଲାପାଳଙ୍କୁ ଦାବିପତ୍ର

ନାକଟିଦେଉଳ,୧।୮ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର କୁଟାସିଂଘା ଓ ପାଣୁନାଳୀ ଗ୍ରାମରେ ପିଡ଼ିଏସ୍ ସାମଗ୍ରୀ ଦେବା ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଗ୍ରାମର ଦୂରତା ପ୍ରାୟ ୧୦କି.ମି. ହେବ। ସାମଗ୍ରୀ ପାଇଁ ଜଙ୍ଗଲିଆ ରାସ୍ତାରେ ଯିବାଆସିବା କରିବା ବୃଦ୍ଧାବୃଦ୍ଧଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ଜଙ୍ଗଲୀ ଜନ୍ତୁଙ୍କ ଭୟ ମଧ୍ୟ ରହିଛି। ସେହିପରି ଗ୍ରାମ ଦେଇ ଟିକିରା ନଦୀ ପ୍ରବାହିତ ହେଉଥିବାରୁ ବର୍ଷାଦିନେ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହା ଉପରେ ବିଚାର କରି ଗ୍ରାମରେ ସାମଗ୍ରୀ ପ୍ରଦାନ ପାଇଁ ସରପଞ୍ଚ ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ସୋମବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

## ରାସ୍ତାକୁ ପିଏମ୍‌ଜିଏସ୍‌ୱାଇରେ ସାମିଲ ଦାବି

ନାକଟିଦେଉଳ,୧।୮ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ରୁଷିବଡ଼ମାଳଠାରୁ ରାଇଲ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ୧୦କି.ମି. ଦୈର୍ଘ୍ୟ ବିଶିଷ୍ଟ ମାଟିରାସ୍ତା ନବୀକରଣ ହେଲେ ବଡ଼ମାଳ ଗ୍ରାମ ସମେତ କ୍ଷେତ୍ରପୁର, ବଡ଼ବିଲ, ଧାତୁକିମାଳ, କମଳାନାଳୀ ଓ ରାଇଲ ଗ୍ରାମର ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ। ଏଥିସହିତ ସୀମାବର୍ତ୍ତୀ ଅନୁଗୋଳ ଜିଲାକୁ ମଧ୍ୟ ଦୂରତା ବହୁମାତ୍ରାରେ ହ୍ରାସ ପାଇବ। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଘୋଷରାମାଳ ପଞ୍ଚାୟତର ସମିତିସଭ୍ୟ ସୁଦର୍ଶନ ସାହୁ, ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ ଓ ୱାର୍ଡ଼ସଭ୍ୟ ପ୍ରଦୀପ କୁମାର ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇଥିଲେ।


କାଦୁଅ ପରିପୂର୍ଣ୍ଣ ରାସ୍ତା।

ରାସ୍ତା ନ ଥିବାରୁ ଗ୍ରାମବାସୀ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ନେଇ ଜନପ୍ରତିନିଧିଙ୍କ ଆଗରେ ଅଭିଯୋଗ କରିଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ସମିତିସଭ୍ୟ ସାହୁ ପ୍ରକାଶ କରିଥିଲେ।

## ଟିପିଲିମା କଲେଜରେ ପ୍ରବେଶ ଉତ୍ସବ

ସମ୍ବଲପୁର,୧।୮ (ଶୁଭାଶିଷ ପାଢ଼ୀ)

ଟିପିଲିମା ସରକାରୀ କଲେଜରେ ଚଳିତବର୍ଷ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏହି ନବାଗତଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଲୋକନାଥ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଜୟଶ୍ରୀ ଦୋରା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଗୋରେଖ ରାଉତ, କଲାମାଟି ସରପଞ୍ଚ ସୁଷମା ସାହୁ, ବରିଷ୍ଠ ନାଗରିକ ବଜରଙ୍ଗବଲୀ ବର୍ମା, ଏମ୍‌ଡି ରୁସ୍ତମ, ସୁଧିର ପୂଜାରୀ, ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷାକମିଟି କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ଅଭିଭାବକ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ଅତିଥି।

# ପ୍ରତିବନ୍ଧକ ସାଜିଛି ରାସ୍ତା ଉପରେ ଗଛ

କୁଚିଣ୍ଡା,୧।୮ (ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ଉପଖଣ୍ଡ କୁଚିଣ୍ଡା-କୁସୁମୀ ପୂର୍ତ୍ତ ବିଭାଗ ରାସ୍ତାର ଟାଇଁସର ସ୍କୁଲ ସମ୍ମୁଖରେ ଥିବା ଏକ ପୁରୁଣା ମହୁଲ ଗଛ ଯାତାୟାତରେ ପ୍ରତିବନ୍ଧକ ସାଜିଛି। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। କୁଚିଣ୍ଡା ବ୍ଲକର ଟାଇଁସର ୫-ଟି ହାଇସ୍କୁଲ ଓ ପାଖରେ ଥିବା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଏହି ଗଛ ବିପଦ ସୃଷ୍ଟି କରୁଛି। କିଛିବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ସମୟରେ ଗଛଟିକୁ କାଟିବା ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଥି ପ୍ରତି ଧ୍ୟାନଦେଇ ନ ଥିବା କୁହାଯାଇଛି। ମହୁଲ


ଟାଇଁସର ସ୍କୁଲ ସମ୍ମୁଖ ରାସ୍ତାରେ ଥିବା ପୁରୁଣା ଗଛ।

### ଛାତ୍ରୀଛାତ୍ରଙ୍କ ପାଇଁ ବିପଦ

ଗଛଟି ବହୁ ପୁରାତନ ହୋଇଥିବାରୁ ଝଡ ତୋଫାନରେ ଭାଙ୍ଗି ସ୍କୁଲ ଉପରେ ପଡିବାର ଆଶଙ୍କା ରହିଛି। ଏହି ରାସ୍ତା ଦେଇ ବଣାଇଁ ଅଞ୍ଚଳରେ ଥିବା କଳକାରଖାନାକୁ ପ୍ରତ୍ୟହ ଶହଶହ ସଂଖ୍ୟକ ଭାରିଯାନ ଚଳାଚଳ କରୁଥିବାରୁ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ପାଇଁ ଗଛ କଟା ଜରୁରୀ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ପଚାରିବାରେ ଗଛ କାଟିବା ପାଇଁ ଡିଏଫ୍‌ଓଙ୍କ ଅନୁମତି ଲୋଡାଯାଇଛି। ଅନୁମତି ମିଳିଲେ ଖୁବ୍‌ଶୀଘ୍ର ଏହି ଗଛ କଟାଯିବ ବୋଲି କହିଛନ୍ତି।

